ଧରିତ୍ରୀ
DHARITRI
April 7-13, 2024 ₹ 2/-

ଧରିତ୍ରୀ DHARITRI 50 Years

ଛୁଟିଦିନ




ପ୍ରଚ୍ଛଦ ପ୍ରସଙ୍ଗ

୩

# ଦ୍ୱିତୀୟ ଈଶ୍ୱର

ମଣିଷ ମୃତ୍ୟୁ ସହ ଯୁଝୁଥିବା ସମୟରେ ଯିଏ ତାଙ୍କୁ ମୃତ୍ୟୁ ମୁହଁରୁ ଟାଣି ଆଣିବାରେ ସକ୍ଷମ ହୋଇଥାନ୍ତି ସେ ହେଉଛନ୍ତି ଡାକ୍ତର। ସେଥିପାଇଁ ତ କଥାରେ କୁହାଯାଏ, ଡାକ୍ତର ହେଉଛନ୍ତି ଦ୍ୱିତୀୟ ଈଶ୍ୱର।





# ଉତ୍ତର ଦିଗର ବାସ୍ତୁ ମହତ୍ତ୍ୱ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ପ୍ରତି ଦିଗର କିଛି ନା କିଛି ନିଜସ୍ୱ ମହତ୍ତ୍ୱ ରହିଛି। ବିଶେଷକରି ଉତ୍ତର ଦିଗକୁ ସବୁଠୁ ଶୁଭ ବୋଲି ବିବେଚନା କରାଯାଏ; କାରଣ ଏହି ଦିଗରେ ଧନର ଦେବତା କୁବେର ବାସ କରିଥାନ୍ତି। ତେଣୁ ଏହି ଦିଗରେ କ'ଣ କରିବା ଶୁଭ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**



* ଉତ୍ତର ଦିଗର ପ୍ରଭୁ କୁହାଯାଉଥିବା କୁବେରଙ୍କର ଫଟୋ ହେଉ ଅଥବା ପ୍ରତୀମାକୁ ଏହି ଦିଗରେ ରଖିବା ଅନେକ ଶୁଭଫଳ ଦେଇଥାଏ। ତା'ସହିତ ବାସ୍ତୁ ଦୋଷକୁ ମଧ ଏହା ଆପେ ଆପେ ଠିକ୍ କରିଦିଏ।

* ତୁଳସୀ ଗଛର ଧାର୍ମିକ ମହତ୍ତ୍ୱ ଯଥେଷ୍ଟ ଥିବାରୁ ଏହାକୁ ଉତ୍ତର ଦିଗରେ ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ। ଏହାଦ୍ୱାରା ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି କୁହାଯାଏ।

* ମନିପ୍ଲାଣ୍ଟର ବି ବାସ୍ତୁ ମହତ୍ତ୍ୱ ଖୁବ୍ ରହିଛି। ଯଦି ଏହି ଗଛକୁ ଘରର ଉତ୍ତର ଦିଗରେ ଲଗାଯାଏ; ତା'ହେଲେ ଆର୍ଥିକ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

* ଉତ୍ତର ଦିଗରେ ଦର୍ପଣ ଲଗାଇବା ବାସ୍ତୁ ଅନୁଯାୟୀ ଶୁଭ ହୋଇଥାଏ। କାରଣ ଏହା ଘର ମଧ୍ୟକୁ କୌଣସି ନକାରାତ୍ମକ ଉର୍ଜା ପ୍ରବେଶ କରିବାକୁ ଦିଏ ନାହିଁ।

* ଆବଶ୍ୟକ ପଡ଼ିଲେ ଏହି ଦିଗରେ ରୋଷେଇ ଘର କରି ବି ଘରକୁ ବାସ୍ତୁ ଦୋଷ ମୁକ୍ତ କରିହେବ। ଯଦ୍ୱାରା ଘରେ କେବେ ବି ଅନ୍ନର ଅଭାବ ଦେଖାଯିବ ନାହିଁ।

* ଘରର ମୁଖ୍ୟଦ୍ୱାର ବି ଉତ୍ତର ଦିଗରେ ରହିବା ଶୁଭଫଳ ପ୍ରଦାନ କରିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୭-୧୩

**ମେଷ** – ବନ୍ଧୁଙ୍କ ପ୍ରୀତିଭାଜନ ହେବେ, କର୍ମଜଞ୍ଜାଳ ବଢ଼ିବ,ସମସ୍ୟା ସମାଧାନ କରିବେ, ମିଥ୍ୟା ଗୁଜବ ଶୁଣିପାରନ୍ତି, ପ୍ରଚେଷ୍ଟା ଫଳବତୀ ହେବ, ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦ, ପଡ଼ୋଶୀଙ୍କ ସମାଲୋଚନା, ମାନସିକସ୍ଥିତି ଅଶାନ୍ତ ରହିବ, କର୍ମକ୍ଷେତ୍ରରେ ବିବାଦ ॥

**ବୃଷ** – କାର୍ଯ୍ୟ ବ୍ୟସ୍ତତା ବୃଦ୍ଧି, କ୍ଳାନ୍ତିବୋଧ କରିବେ, ପରିବାରରେ ବିତର୍କ, ବୁଝାମଣାରେ ଅଗ୍ରଗତି, ଦୁଃସାହସିକ ପଦକ୍ଷେପ ନେବେ, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ପାଇବେ, ପ୍ରଶାସନିକ ଆଲୋଚନା, ଆଇନ ସହାୟତା ମିଳିବ ॥

**ମିଥୁନ** – ଶୁଭଖବର ପାଇବେ, କର୍ମକ୍ଷେତ୍ରରେ ବ୍ୟସ୍ତତା, ଅପରିଚିତ ବ୍ୟକ୍ତିଙ୍କ ଝଗଡ଼ା, ନୂତନ କାର୍ଯ୍ୟାରମ୍ଭ, ମାନସିକ ଚାପ ବଢ଼ିବ, ବିବାଦର ସମ୍ମୁଖୀନ ହେବେ, ସଭାସମିତିକୁ ନିମନ୍ତ୍ରଣ, ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦ ॥

**କର୍କଟ** – ସୁସ୍ଥ ମାନସିକତା, ପାରିବାରିକ ସଦ୍ଭାବ ବୃଦ୍ଧି, ସ୍ଥଗିତ କାମ ଆରମ୍ଭ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ନୂତନ ମିତ୍ରତା ସୃଷ୍ଟି, ସହାୟତା ମିଳିବ, ଦ୍ରବ୍ୟ ନଷ୍ଟ ହୋଇପାରେ।

**ସିଂହ** – ଭାବପ୍ରବଣତା ବୃଦ୍ଧି, ମାନସିକ ଅସ୍ଥିରତା, ଅନିୟମିତ ଆହାରରୁ ଅଜୀର୍ଣ୍ଣ, ଅତୀତ ଘଟଣାର ସମୀକ୍ଷା, ବନ୍ଧୁଙ୍କ ଅନୁରକ୍ତି ପ୍ରକାଶ, ଯୋଗସାଧନାରେ ରୁଚି, ଯାନ୍ତ୍ରିକ ଜିନିଷର ମରାମତି, ଖର୍ଚ୍ଚାନ୍ତରୁ ଅନୁତାପ, ପଡ଼ୋଶୀଙ୍କ ସହ ମତଭେଦ, ଦୂରସ୍ଥାନକୁ ଯାତ୍ରା ॥

**କନ୍ୟା** – ସୁଯୋଗର ସଦ୍ ବ୍ୟବହାର, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ସୌଖୀନ ଦ୍ରବ୍ୟ କ୍ରୟ, ଅସାବଧାନତାରୁ ଧନହାନୀ, ଅଶୌଚଖବର ପାଇପାରନ୍ତି, ପାରିବାରିକ ସମସ୍ୟା, ସାଂସ୍କୃତିକ କାର୍ଯ୍ୟରେ ଯୋଗଦାନ, ରାଜନୀତି କ୍ଷେତ୍ରରେ ସମ୍ମାନ, ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି ॥

**ତୁଳା** – ଆକସ୍ମିକ ଦୂରଯାତ୍ରା, ପଦସ୍ଥବ୍ୟକ୍ତିଙ୍କ ତାଗିଦା, ପରିବାରରେ ଦ୍ୱନ୍ଦ୍ୱ, ଗୃହୋପକରଣ କ୍ରୟ କରିପାରନ୍ତି, କର୍ମକ୍ଷେତ୍ରରେ ପ୍ରଶଂସା, ବନ୍ଧୁଙ୍କୁ ଭେଟିପାରନ୍ତି, ପକେଟ୍‌ମାର ହୋଇପାରେ, ବ୍ୟବସାୟିକ ଉନ୍ନତି, ସନ୍ତାନଙ୍କ ବିଶୃଙ୍ଖଳା, ରୋଗପୀଡ଼ା କମିବ।

**ବିଛା** – ନୂଆବନ୍ଧୁ ଆସିବେ, ସମ୍ପର୍କରେ ଉନ୍ନତି, ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହେବେ, ରାଜନୀତିରେ ସମସ୍ୟା, ଜମିଜମା ବିବାଦ, ଭ୍ରମଣ ସୁଯୋଗ ଜୁଟିବ, ଅବସାଦଗ୍ରସ୍ତ ହେବେ, ପାରିବାରିକ ତିକ୍ତତାର ସମାପ୍ତି, ଅନ୍ୟମନସ୍କ ରହିପାରନ୍ତି, ଅବହେଳିତ କାର୍ଯ୍ୟରୁ ଅନୁତାପ ॥

**ଧନୁ** – ଦୈହିକ ଦୁର୍ବଳତା, ଅପ୍ରିୟସତ୍ୟ ଭାଷଣରୁ କଳହ, ସହକର୍ମୀଙ୍କ ଦ୍ୱିରୁକ୍ତି, ଗୃହସୀମା ବିବାଦ, ଲେଖାପଢ଼ାରେ ଅଗ୍ରଗତି, ଶତ୍ରୁତାରୁ କାର୍ଯ୍ୟହାନୀ, ଭାଗବଣ୍ଟାରେ ଟଣାଓଟରା, ସମାଲୋଚିତ ହୋଇପାରନ୍ତି, ବ୍ୟବସାୟରେ ସଫଳତା ॥

**ମକର** – ମାନସିକ ଅସ୍ଥିରତା, ବନ୍ଧୁବିଚ୍ଛେଦରୁ ଦୁଃଖ, ଭ୍ରାତୃବିବାଦର ସମାଧାନ, ଲୋକସମ୍ପର୍କ ବୃଦ୍ଧି, ବନ୍ଧୁବତ୍ସଳ ହେବେ, ପରୋପକାରରୁ ପ୍ରଶଂସା, ସଭାସମିତିକୁ ନିମନ୍ତ୍ରଣ, ସମ୍ବର୍ଦ୍ଧିତ ହୋଇପାରନ୍ତି, ବୈବାହିକ ସମ୍ବନ୍ଧ ବିଗିଡ଼ିପାରେ, ମକଦ୍ଦମାରେ ବିଜୟ ॥

**କୁମ୍ଭ** – ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁଙ୍କ ସହାନୁଭୂତି, ପଡ଼ୋଶୀଙ୍କ କୁସ୍ୱାରଚନା, ନୂତନ କାର୍ଯ୍ୟାରମ୍ଭ, ବୈଷୟିକ ଅଭିବୃଦ୍ଧି, ସାମ୍ବାଦିକତାରେ ଗୌରବ, ମିଥ୍ୟା ଅଭିଯୋଗର ସାମନା କରିବେ, ଆଇନ ସହାୟତା ପ୍ରାପ୍ତି।

**ମୀନ** – ସମୟାନୁବର୍ତ୍ତିତାରୁ ପ୍ରଶଂସା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ମିତ୍ରବନ୍ଧୁଙ୍କ ସହଯୋଗ, ଗୃହୋପଯୋଗୀ ଜମିଲାଭ, ସହକର୍ମୀଙ୍କ ଅସହଯୋଗ, ଭୁଲ୍ ବୁଝାମଣାରୁ ମତପାର୍ଥକ୍ୟ, ବନ୍ଧୁଙ୍କୁ ସାହାଯ୍ୟ ମାଗିବେ, ସତ୍‌ସଙ୍ଗର ସୁଯୋଗ, ଧର୍ମକାର୍ଯ୍ୟ କରିବେ ॥

# ସ୍ୱାସ୍ଥ୍ୟପ୍ରଦ ଅଙ୍ଗୁର



ଅଙ୍ଗୁର ଖାଇବାକୁ ଯେମିତି ସ୍ୱାଦିଷ୍ଟ ସେମିତି ସ୍ୱାସ୍ଥ୍ୟପ୍ରଦ ବି। ଖାସ୍‌କରି ଖରାଦିନେ ଏହାକୁ ଖାଇଲେ ଶରୀରକୁ ବହୁ ଉପକାର ମିଳେ। କାରଣ ଏଥିରେ ଭରି ରହିଥାଏ କାର୍ବୋହାଇଡ୍ରେଟ୍, ଡାଏଟେରି ଫାଇବର୍, ପ୍ରୋଟିନ୍, ଭିଟାମିନ୍ ବି ୬, ଭିଟାମିନ୍ ସି, ଭିଟାମିନ୍ କେ, କ୍ୟାଲ୍‌ସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ସୋଡ଼ିୟମ୍ ଭଳି ଅନେକ ଉପକାରୀ ପୋଷକ ତତ୍ତ୍ୱ। ଯଦ୍ୱାରା ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ସେହିପରି ଅଙ୍ଗୁର ଖାଇବା ଦ୍ୱାରା ଶରୀରରେ ସୁଗାର୍ ଲେଭଲ୍ ନିୟନ୍ତ୍ରଣରେ ରହିବା ସହ ଆଖି ମଧ ସୁସ୍ଥ ରହିଥାଏ। ତେବେ ଅନେକଙ୍କର ଖରାଦିନେ ଆଲର୍ଜି ହୋଇ ତ୍ୱଚା କୁଣ୍ଡାଇ ହୁଏ। ଏଭଳି କ୍ଷେତ୍ରରେ ଅଙ୍ଗୁର ଖାଇବା ଲାଭଦାୟକ ହୋଇଥାଏ। କାରଣ ଅଙ୍ଗୁରରେ ଆଣ୍ଟିଭାଇରାଲ୍ ଗୁଣ ରହୁଥିବାରୁ ତ୍ୱଚା ସମ୍ବନ୍ଧୀୟ ଆଲର୍ଜିକୁ ଦୂର କରିବାରେ ଏହା ଅନେକ ସାହାଯ୍ୟ କରିଥାଏ। ସେହିପରି କୁହାଯାଏ, ଅଙ୍ଗୁରରେ ଗ୍ଲୁକୋଜ, ମ୍ୟାଗ୍ନେସିୟମ୍ ଓ ସାଇଟ୍ରିକ୍ ଏସିଡ୍‌ର କିଛି ମାତ୍ରା ରହୁଥିବାର ଏହାକୁ ଖାଇଲେ କ୍ୟାନସର୍ ସମସ୍ୟାରୁ ବି କେତେକାଂଶରେ ମୁକ୍ତି ମିଳିଥାଏ। ବିଶେଷକରି ବ୍ରେଷ୍ଟ କ୍ୟାନସର୍‌ରୁ ରକ୍ଷା ପାଇବା ପାଇଁ ଅଙ୍ଗୁର ଖାଇବା ଫଳପ୍ରଦ ବୋଲି ବିଶେଷଜ୍ଞମାନେ ମତ ଦେଇଥାନ୍ତି। ତା'ଛଡ଼ା ଅଙ୍ଗୁର ଖାଇଲେ ସ୍ମରଣ ଶକ୍ତି, ଏକାଗ୍ରତା ବଢ଼ିବା ସହ ଅସ୍ଥି ଜନିତ ବିଭିନ୍ନ ସମସ୍ୟାରୁ ବି କେତେକାଂଶରେ ମୁକ୍ତି ମିଳିଥାଏ ବୋଲି କୁହାଯାଏ।

# ପାଠକୀୟ

* ରଙ୍ଗ ଥିଲେ ହିଁ ସାରା ଦୁନିଆ ସୁନ୍ଦର। ହେଲେ ବେଳେବେଳେ ଏଥିରେ ଦେଖାଯାଏ ବ୍ୟତିକ୍ରମ। ସାଧାରଣତଃ ଯେଉଁ ରଙ୍ଗକୁ ନେଇ କୌଣସି ପ୍ରାଣୀ ବା ପ୍ରକୃତିର କିଛି ସୃଷ୍ଟି ପରିଚିତ ହୋଇଥାଏ, ତା'ର ବିପରୀତ ରଙ୍ଗରେ ଦେଖିବାକୁ ମିଳନ୍ତି ଏମାନେ। ଫଳରେ ତାହା ମଣିଷ ପାଇଁ ପାଲଟିଯାଏ ବିସ୍ମୟ। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମନଛୁଆଁ ହୋଇଥିଲା। 'ହୋଲି ପୂର୍ବରୁ କ'ଣ କରିବେ', 'ପ୍ରାକୃତିକ ରଙ୍ଗରେ ଖେଳନ୍ତୁ ହୋଲି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ତନୁଜା ପ୍ରଧାନ, ପୋଖରୀପୁଟ, ଭୁବନେଶ୍ୱର*

* ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରକୃତି ରଙ୍ଗ କରେ ଚକିତ'ଟି ଏକ ନିଆରା ତଥା ଆଶ୍ଚର୍ଯ୍ୟ କରିଦେବା ଭଳି ଆଲେଖ୍ୟ ଥିଲା। 'କାଳ ନ ହେଉ ହୋଲି ଖେଳ' ଶୀର୍ଷକ ପାଠଟି ବେଶ୍ ଶିକ୍ଷଣୀୟ ହୋଇଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ସ୍ଥପତି ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ଦୀପ୍ତିରେଖା ଶତପଥୀ, ନୟାଗଡ଼*

* ସୃଜନ ପୃଷ୍ଠାରେ ସ୍ଥାନିତ 'ରଙ୍ଗରସରେ କବି' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଅନନ୍ୟାଙ୍କ ନୀରବତା', 'ଦୀପିକାଙ୍କ ଦିନ ଗଣା', 'ସଲମାନ୍ ଯାହା ଖୋଜୁଥିଲେ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ଲାଗୁଥିଲା। ସାହିତ୍ୟିକା ଅମ୍ରିତା ସିଂହଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା।

*– ମନସ୍ୱିନୀ ବାରିକ, ବ୍ରହ୍ମପୁର*

* 'ପଶୁପକ୍ଷୀଙ୍କ ନାଁକୁ ନେଇ ଫୁଲ' ଶୀର୍ଷକ ପାଠଟି ମନଛୁଆଁ ହେବା ସହ ବେଶ୍ ଆଶ୍ଚର୍ଯ୍ୟକର ବି ଥିଲା। ମଡେଲ୍ ମିରର୍‌ରେ ସଜ୍ଜିତା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଚମତ୍କାର ଥିଲା। ସହର ପୃଷ୍ଠାରୁ ହୋଲି କେଉଁଠି କେମିତି, ସେ ସମ୍ପର୍କରେ ଅନେକ ନୂଆ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ମାନସ ବିଶ୍ୱାଳ, ଯାଜପୁର*

* ବିବିଧା ପୃଷ୍ଠାରେ ସ୍ଥାନିତ 'ବୋତଲ ଭିତରେ ଅଠା ଲାଖେ ନାହିଁ କାହିଁକି', 'କୁଙ୍ଗ ଫୁ ଗାଁ' ଶୀର୍ଷକ ପାଠ ଦୁଇଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିବାରୁ ଖୁସି ଲାଗିଲା। ସେହିପରି ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'କିସ ନ ଦେଖିଲା ଏ ନୟନ ଆଜ' ପାଠଟି ବେଶ୍ ଚମତ୍କାର ଥିଲା।

*– ଅଭିଜ୍ଞାନ ଦାଶ, ଫୁଲନଖରା, କଟକ*

* ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଟି-ରେକ୍ସ ରେସ୍', 'ବୋନ୍‌ସାଇର ଦାମ ୯ କୋଟି', 'ଏନର୍ଜି ଅଟୋନମସ୍ କାର' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ହେବା ସହ ବେଶ୍ ତଥ୍ୟପୂର୍ଣ୍ଣ ଥିଲା। *– ସୁକାନ୍ତି ସାହୁ, ଜିଜିପି କଲୋନୀ, ଭୁବନେଶ୍ୱର*

## ବିଶେଷ ଚିଠି



ପ୍ରକୃତିର ରଙ୍ଗ କରେ ଚକିତ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଶିଖାଇଲା ଅନେକ କଥା
ମନେ ଭରିଲା ନୂଆ ନୂଆ ରଙ୍ଗ।
ସହରଠୁ ଦୂର, ସିନେମା
ପୁଣି ବିବିଧା ଥିଲା ଭାରି ସୁନ୍ଦର,
ମନ କିଣି ନେଉଥିଲା ମୋର
ଛୁଟିଦିନର ପ୍ରଥମ ରୋଜଗାର।

*– ଅମରେଶ ପତି, ଜଟଣୀ, ଖୋର୍ଦ୍ଧା*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଦ୍ୱିତୀୟ ଈଶ୍ୱର

**ମଣିଷ ମୃତ୍ୟୁ ସହ ଯୁଝୁଥିବା ସମୟରେ ଯିଏ ତାଙ୍କୁ ମୃତ୍ୟୁ ମୁହଁରୁ ଟାଣି ଆଣିବାରେ ସକ୍ଷମ ହୋଇଥାନ୍ତି ସେ ହେଉଛନ୍ତି ଡାକ୍ତର। ସେଥିପାଇଁ ତ କଥାରେ କୁହାଯାଏ, ଡାକ୍ତର ହେଉଛନ୍ତି ଦ୍ୱିତୀୟ ଈଶ୍ୱର।**

ମଣିଷ ମୃତ୍ୟୁ ସହ ଯୁଝୁଥିବା ସମୟରେ ଯିଏ ତାଙ୍କୁ ମୃତ୍ୟୁ ମୁହଁରୁ ଟାଣି ଆଣିବାରେ ସକ୍ଷମ ହୋଇଥାନ୍ତି ସେ ହେଉଛନ୍ତି ଡାକ୍ତର। ସେଥିପାଇଁ ତ କଥାରେ କୁହାଯାଏ, ଡାକ୍ତର ହେଉଛନ୍ତି ଦ୍ୱିତୀୟ ଈଶ୍ୱର। ରୋଗୀ ସେବା ହେଉଛି ଯାହାଙ୍କର ପରମ ଧର୍ମ। ଆଉ ଏହି ଧର୍ମକୁ ପାଳନ କରନ୍ତି ବି ଅନେକ ଡାକ୍ତର। ଏଥିପାଇଁ ସେମାନେ ଯେକୌଣସି ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଛାନ୍ତି ନାହିଁ। ସେମିତି କେତେଜଣ ଡାକ୍ତରଙ୍କ ସମ୍ପର୍କରେ..

### ବଣ୍ଡା ଜନଜାତିଙ୍କ ପାଇଁ ଦେବଦୂତ ଡାକ୍ତର ଚମ୍ପେଶ୍ୱର

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ବଣ୍ଡାଘାଟି ସମୁଦ୍ର ପତନଠାରୁ ପ୍ରାୟ ୩୦୦୦ ଫୁଟ ଉଚ୍ଚରେ ଅବସ୍ଥିତ। ଏହି ଅଞ୍ଚଳରେ ରହିଛି ପ୍ରାୟ ୭ଟି ପଞ୍ଚାୟତ; ଯେଉଁଠାରେ ମୁଖ୍ୟତଃ ବଣ୍ଡା ଏବଂ ଡିଡାଇ ଜନଜାତି ବସବାସ କରିଥାନ୍ତି। ପୂର୍ବରୁ ଏଠାରେ ରାସ୍ତାଘାଟର ସେତେ ସୁବିଧା ନ ଥିଲା। ତା'ସହିତ ଇଲେକ୍ଟ୍ରିସିଟି ଓ ମୋବାଇଲ୍ ନେଟୱର୍କର କଥା ନ କହିବା ଭଲ। ସ୍ୱାସ୍ଥ୍ୟ ବ୍ୟବସ୍ଥା ବି ସେମିତି କିଛି ଖାସ୍ ନ ଥିଲା। ଫଳରେ ସ୍ଥାନୀୟ ଲୋକେ ଅନ୍ଧବିଶ୍ୱାସରେ ବଶୀଭୂତ ହୋଇ ବିଭିନ୍ନ ରୋଗ ହେଲେ ଗୁଣି ଗାରେଡ଼ି, ଦିଶାରୀ ଉପରେ ନିର୍ଭର କରୁଥିଲେ। କିଛିଦିନ ପରେ ରାଜ୍ୟ ସରକାର ବଣ୍ଡାଘାଟିକୁ ଗମନାଗମନ ପାଇଁ ପିଚୁରାସ୍ତା ନିର୍ମାଣ କରିବା ସହ ମୁଦୁଲିପଡ଼ାଠାରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରି କିଛି ସ୍ୱାସ୍ଥ୍ୟକର୍ମୀଙ୍କୁ ସେଠାରେ ନିଯୁକ୍ତି ଦେଲେ। କିନ୍ତୁ କେହି ଏମ୍‌ବିବିଏସ୍ ଡାକ୍ତର ପୋଷ୍ଟିଂ ହୋଇ ନ ଥିବାରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ସେତେ ସୁଧୁରି ପାରି ନ ଥିଲା। ଅନ୍ୟପକ୍ଷେ ବଣ୍ଡା ଜନଜାତି ଦିଶାରୀଙ୍କୁ ଏତେ ବିଶ୍ୱାସ କରୁଥିଲେ ଯେ, ମାଗଣାରେ ଆସି ଚିକିତ୍ସା କେନ୍ଦ୍ରରେ ଚିକିତ୍ସା ହେବାକୁ ମଧ୍ୟ ସେମାନେ ପସନ୍ଦ କରୁ ନ ଥିଲେ। ୨୦୨୧ ଜୁନ୍ ମାସରେ **ଚମ୍ପେଶ୍ୱର ପାଣିଗ୍ରାହୀ** ନାମକ ଜଣେ ଏମ୍‌ବିବିଏସ୍ ଡାକ୍ତର ପ୍ରଥମ କରି ଏହି ମୁଦୁଲିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୋଷ୍ଟିଂ ହୋଇ ଆସିଲେ। କାର୍ଯ୍ୟରେ ଯୋଗଦେଲା ପରେ ଡାକ୍ତରଖାନାକୁ କେହି ରୋଗୀ ଆସୁ ନ ଥିବା କଥା ଲକ୍ଷ୍ୟ କରି ସେ ପ୍ରକୃତ ଘଟଣା ସମ୍ପର୍କରେ ଜାଣିବାକୁ ଚେଷ୍ଟା କଲେ। ସ୍ଥାନୀୟ ଲୋକେ ଅନ୍ଧବିଶ୍ୱାସର ଶିକାର ହୋଇଥିବା କଥା ଜାଣିବା ପରେ ସେ ସାହସ କରି ଗାଁ ଗାଁ ବୁଲି ସେଠାକାର ଲୋକଙ୍କୁ ବିଭିନ୍ନ ରୋଗ ଏବଂ ଡାକ୍ତରଖାନାରେ ମିଳୁଥିବା ମାଗଣା ଔଷଧ ଦ୍ୱାରା ସେସବୁର କିପରି ନିରାକରଣ ହୋଇପାରିବ ସେ ବିଷୟରେ ବୁଝାଇବାକୁ ଚେଷ୍ଟା କଲେ। ନିଜର ଏହି ଅନୁଭୂତି ସମ୍ପର୍କରେ ଚମ୍ପେଶ୍ୱର କୁହନ୍ତି, 'ସୋନପୁର ଜିଲା ବୀରମହାରାଜପୁରସ୍ଥିତ ମାଣିକପୁରରେ ମୋର ଜନ୍ମ। ବାପା କୁଳମଣି ପାଣିଗ୍ରାହୀ ଓ ମା' କୁନ୍ତିଳତା ପାଣିଗ୍ରାହୀ। ପିଲାଦିନେ ମୁଁ ଥରେ ବାପାଙ୍କୁ ପଚାରିଥିଲି, ''କେଉଁ କାର୍ଯ୍ୟ କଲେ ଲୋକଙ୍କର ସେବା ହେବା ସହ ନିଜକୁ ଶାନ୍ତି ମିଳିପାରିବ'? ବାପା କହିଥିଲେ, 'ଡାକ୍ତରୀ ସେବା'। ବାସ୍ ତା'ପରଠୁ ଡାକ୍ତର ହେବାର ସ୍ୱପ୍ନ ଦେଖିଲି। ଆଉ ଯେବେ ଡାକ୍ତର ଭାବେ ପ୍ରଥମ ପୋଷ୍ଟିଂ ଏଠି ପାଇଲି; ରାସ୍ତାଘାଟର ଅସୁବିଧା, ଇଲେକ୍ଟ୍ରିସିଟି ଓ ମୋବାଇଲ୍ ନେଟୱର୍କର ପ୍ରୋବ୍ଲେମ୍ କଥା ଜାଣି ପ୍ରଥମେ ପ୍ରଥମେ ମୋତେ ଜମା ଭଲ ଲାଗୁ ନ ଥିଲା। କିନ୍ତୁ ପରେ ଯେବେ ଅନୁଭବ କଲି ସ୍ଥାନୀୟ ଲୋକେ ମୋଠାରୁ ବି ଆହୁରି ଅସୁବିଧାରେ ଅଛନ୍ତି, ସେମାନେ ଅନ୍ଧବିଶ୍ୱାସର ଶିକାର ହୋଇ ଡାକ୍ତରଖାନା ଆସୁନାହାନ୍ତି କି ସେମାନଙ୍କୁ ଠିକ୍ ସ୍ୱାସ୍ଥ୍ୟ ଚିକିତ୍ସା ମିଳିପାରୁନି, ଚିକିତ୍ସା ଅଭାବରୁ ବହୁ ଗର୍ଭବତୀ ତଥା ନବଜାତ ଶିଶୁଙ୍କର ମୃତ୍ୟୁ ହେଉଛି ଇତ୍ୟାଦି ଘଟଣା ମୋତେ ଦୋହଲାଇ ଦେଲା। ବାସ୍ ତା'ପରଠୁ ମୁଁ ମୋ ନିଜସ୍ୱ ଉଦ୍ୟମରେ କିଛି ଔଷଧ ସାଙ୍ଗରେ ନେଇ ବିଭିନ୍ନ ଗାଁକୁ ଯାଇ ସେଠାକାର ଲୋକଙ୍କୁ ବୁଝାଶୁଝା କଲି। ଯେହେତୁ ଏଠାକାର ଲୋକେ ବେଶି ଶାରୀରିକ ପରିଶ୍ରମ କରନ୍ତି, ସେଥିପାଇଁ ସେମାନଙ୍କର ଗୋଡ଼ ହାତ ବିନ୍ଧାବିନ୍ଧି ହେବାର ସମସ୍ୟା ଥାଏ। ତେଣୁ ସେମାନଙ୍କୁ ପେନ୍‌କିଲର୍ ସାଙ୍ଗକୁ ମଲ୍ଟି ଭିଟାମିନ୍ସ ଆଦି ଦେଲି। ତା'ପରେ କେତେଜଣ ଗର୍ଭବତୀଙ୍କର ସୁରକ୍ଷିତ ପ୍ରସବ କରିବା ପରେ ମୋ ଉପରେ ସେମାନଙ୍କର ବିଶ୍ୱାସ ଆସିଲା। କ୍ରମେ ଧୀରେ ଧୀରେ ମେଡିକାଲ୍‌କୁ ରୋଗୀଙ୍କ ଆସିବା ସଂଖ୍ୟା ବଢ଼ିଲା। ବାସ୍ ତା'ପରଠୁ ଆଜିଯାଏ ଆଉ କିଛି ଅସୁବିଧା ହୋଇନି। ଅବଶ୍ୟ ପ୍ରଥମେ ସ୍ଥାନୀୟ ଲୋକଙ୍କ ଭାଷା ବୁଝିବାରେ ଟିକେ ଅସୁବିଧା ହେଉଥିଲା, ଏବେ କିନ୍ତୁ ମୁଁ ପ୍ରାୟ ସେମାନଙ୍କ ଭାଷା ବୁଝିପାରୁଛି। ସେମାନଙ୍କ ସୁବିଧା ପାଇଁ ଏଠି ଆମ୍ବୁଲାନ୍ସ ବ୍ୟବସ୍ଥା ବି ହେଲାଣି। ଯଦି କିଛି ଗୁରୁତର କେସ୍ ରହୁଛି, ତା'ହେଲେ ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସ ଯୋଗେ ରୋଗୀଙ୍କୁ ଖଇରପୁଟଠାରେ ଥିବା ବଡ଼ ଡାକ୍ତରଖାନାକୁ ପଠାଇବାର ବ୍ୟବସ୍ଥା କରାଯାଉଛି। ତା'ସହିତ ସରକାରୀ ସ୍ତରରେ ହେଉ ଅବା ଏନ୍‌ଜିଓ ଗ୍ରୁପ୍ ଜରିଆରେ ମଝିରେ ମଝିରେ ନିକଟସ୍ଥ ଗାଁମାନଙ୍କରେ ମାଗଣା ସ୍ୱାସ୍ଥ୍ୟ ଶିବିରମାନ ପକାଇ ଲୋକମାନଙ୍କ ଭିତରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ବି କରାଯାଉଛି। କହିବାକୁ ଗଲେ ଏବେ ସ୍ଥାନୀୟ ଲୋକେ ମୋତେ ଖୁବ୍ ବିଶ୍ୱାସ କରିଯାଇଛନ୍ତି। ଯଦି କୌଣସି କାର୍ଯ୍ୟରେ ମୁଁ କୁଆଡ଼େ ବାହାରକୁ ଯାଇଛି ତାହେଲେ ସେମାନେ ମୋତେ ଡାକ୍ତରଖାନାରେ ଖୋଜି ଅପେକ୍ଷା କରିରହୁଛନ୍ତି। ସେମାନଙ୍କ ଭିତରେ ଏ ପରିବର୍ତ୍ତନ ଦେଖି ଖୁସି ଲାଗୁଛି। ଏହି ସଫଳ କାର୍ଯ୍ୟରେ ମୋତେ ପୂର୍ଣ୍ଣ ସହଯୋଗ ଯୋଗାଇ ଆସିଛନ୍ତି ଡାକ୍ତରଖାନାର ସମସ୍ତ କର୍ମଚାରୀ ଓ ମୋ ଧର୍ମପତ୍ନୀ ଶ୍ରୀୟଙ୍କା ମିଶ୍ର। ଶ୍ରୀୟଙ୍କା ଏମ୍‌ବିଏ ପାସ୍ କରି ଚାକିରି କରିବାର ମୋହ ଛାଡ଼ି ମୋ ସହିତ ଏଠି ରହି ଲୋକଙ୍କ ସେବା କରିବାରେ ବହୁତ ଖୁସି ଅନୁଭବ କରୁଛନ୍ତି। ସେଥିପାଇଁ ମୁଁ ତାଙ୍କୁ ନେଇ ବହୁତ ଗର୍ବ ଅନୁଭବ କରେ।''







### ସେବା ଓ ଦାନର ଅନ୍ୟନାମ ଡା. ନାରାୟଣୀ

ଜୀବନ କାଳ ମଧ୍ୟରେ ନିଜର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ମହାନ୍ ବ୍ୟକ୍ତିତ୍ୱ ହେଲେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ **ଡା. ନାରାୟଣୀ ପଣ୍ଡା**। ୧୯୩୭ ମସିହା ନଭେମ୍ବର ୪ ତାରିଖରେ ରାୟଗଡାଠାରେ ସେ ଜନ୍ମ ଗ୍ରହଣ କରିଥିଲେ। ବାପା ଡା. ଗଙ୍ଗାସାଗର ପଣ୍ଡା ଓ ମାତା ଜନକପ୍ରିୟା ପଣ୍ଡାଙ୍କ ୯ ଝିଅ ଓ ୨ପୁଅଙ୍କ ମଧ୍ୟରୁ ନାରାୟଣୀ ହେଲେ ତୃତୀୟ ସନ୍ତାନ। ପିଲାଟି ଦିନରୁ ପାଠପଢ଼ାରେ ତାଙ୍କର ଖୁବ୍ ରୁଚି ଥିଲା। ସ୍କୁଲରେ ପାଠ ପଢୁଥିବାବେଳେ ଥରେ ତାଙ୍କୁ ଓ ତାଙ୍କର ୪/୫ଜଣ ସାଙ୍ଗଙ୍କୁ ସେରିବ୍ରାଲ ମ୍ୟାଲେରିଆ ହୋଇଥିଲା। ସମସ୍ତଙ୍କର ଅବସ୍ଥା ଗୁରୁତର ଥିଲା। ସ୍ଥାନୀୟ ଡାକ୍ତରଖାନାରେ ଥିବା ମହିଳା ଡାକ୍ତର ଜଣକ ସାମାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରି ଛାଡ଼ି ଦେଇଥିଲେ। ଏହି ଘଟଣାରେ ତାଙ୍କର ୨ ଜଣ ସାଙ୍ଗଙ୍କ ମୃତ୍ୟୁ ହୋଇଗଲା; ଯାହା କି ନାରାୟଣୀଙ୍କ ମନରେ ଗଭୀର ଆଘାତ ଦେଇଥିଲା। ତା'ସହିତ ସେ ସମୟରେ ଅନେକ ପରିବାରରେ ଝିଅମାନଙ୍କୁ ବିଭିନ୍ନ ପ୍ରକାର କୁସଂସ୍କାରଟନା କରୁଥିଲେ। ପାଠ ପଢ଼ି ସ୍ୱର୍ଗକୁ ଯିବୁ, ପାଠ ପଢ଼ି ଘରକୁ ଟେକିବୁ ଇତ୍ୟାଦି କଥା କହୁଥିଲେ। ସେଥିପାଇଁ ନାରାୟଣୀ ପଣ କରିଥିଲେ, ଭଲ ପାଠ ପଢ଼ିବେ ଆଉ ଡାକ୍ତର ହିଁ ହେବେ। କାରଣ ଡାକ୍ତରୀ ପାଠ ଜନସାଧାରଣଙ୍କ ସେବାକୁ ବୁଝାଏ। ସେଥିପାଇଁ ୧୯୬୩ ମସିହାରେ ସମ୍ବଲପୁର ଡାକ୍ତରଖାନାରେ ସେ ସ୍ତ୍ରୀ ଓ ପ୍ରସୂତି ରୋଗ ଡାକ୍ତର ଭାବେ ଯୋଗଦେଇଥିଲେ। କିନ୍ତୁ ଡାକ୍ତରଖାନା ଅଧିକାରୀଙ୍କ ଅତ୍ୟନ୍ତ ଆକଟ ସହ୍ୟ କରି ନ ପାରି ୧୯୬୫ ମସିହାରେ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଦେଲେ। ଆଉ କିଛିଦିନ ପରେ ସମ୍ବଲପୁର ମ୍ୟୁନିସିପାଲିଟି ପରିଚାଳିତ ଡାକ୍ତର ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳଠାରେ ଯୋଗଦାନ କଲେ। ମାଆ ଓ ଶିଶୁମାନଙ୍କର ସେବା କରିବାରେ ସେ ଅତ୍ୟନ୍ତ ଆନନ୍ଦିତ ହେଉଥିଲେ। ନିଜ କର୍ତ୍ତବ୍ୟରେ ସେ ଏତେ ମଜ୍ଜିଯାଇଥିଲେ ବିବାହ ପ୍ରତି ମଧ୍ୟ ସେ ମନ ଦେଇ ନ ଥିଲେ। ବହୁ ବିଳମ୍ବରେ ତାଙ୍କର ପ୍ରଶାନ୍ତ କୁମାର ମହାନ୍ତି ନାମକ ରାଜ୍ୟର ଜଣେ ବରିଷ୍ଠ ପତ୍ରକାରଙ୍କ ସହ ବିବାହ








ଡା. ଶିଶିର କୁମାର ସାହୁ

ହୋଇଥିଲା । ରୋଗୀ ସେବା ସହ ସ୍ୱାମୀଙ୍କ ସହିତ ମିଶି ବିଭିନ୍ନ ଜନହିତକର କାର୍ଯ୍ୟରେ ତାଙ୍କର ସମୟ କଟିଯାଉଥିଲା । କିନ୍ତୁ ଦୁଃଖର ବିଷୟ ସ୍ୱାମୀ ବି ଅଧାବାଟରେ ତାଙ୍କୁ ଠକି ଦେଇ ଆରପାରିକୁ ଚାଲିଗଲେ । ବାସ୍ ତା'ପରଠୁ ସେ ରୋଗୀ ସେବା ସହ ନିଜର ଯାହା କିଛି ସମ୍ବଳ ଥିଲା ସବୁକିଛିକୁ ଧୀରେ ଧୀରେ ଦାନ କରିବା ଆରମ୍ଭ କଲେ । ଏ ନେଇ ନାରାୟଣୀ କୁହନ୍ତି, 'ସ୍ୱାମୀଙ୍କ ପରଲୋକ ପରେ ମୁଁ ସଂପୂର୍ଣ୍ଣ ଏକାକୀ ହୋଇଗଲି । ତେଣୁ ସମ୍ପୂର୍ଣ୍ଣ ସମୟ ରୋଗୀ ସେବାରେ ଲଗାଇଦେଲି । ୧୯୯୫ ମସିହାରେ ଚାକିରିରୁ ଅବସର ନେବା ପରେ ନିଜ କ୍ଲିନିକ୍‌ରେ ମାତ୍ର ୨ଟଙ୍କାରେ ରୋଗୀ ଦେଖିଲି ; ଯାହା କି ୨୦୨୨ ମସିହାରେ ୫୦ଟଙ୍କାକୁ ପହଞ୍ଚିଥିଲା । ବର୍ତ୍ତମାନ ମୋତେ ପ୍ରାୟ ୮୬ ବର୍ଷ ବୟସ ହେଲାଣି, ଆଉ ରୋଗୀ ଦେଖିପାରୁନି । କିନ୍ତୁ ମୁଁ ୮୪ ବର୍ଷ ବୟସ ପର୍ଯ୍ୟନ୍ତ ରୋଗୀଙ୍କ ସେବା କରିଥିବାରୁ ବହୁତ ଖୁସି । ଆଉ ଯେଉଁ ଦାନଧର୍ମ କଥା କୁହାଯାଉଛି ତା'ପଛରେ ବି ଗୋଟେ କାରଣ ଅଛି । ସ୍ୱାମୀ ଯିବା ପରେ ଗୋଟିଏ ଦିନ ରାତିରେ ଶୋଇଥିବା ସମୟରେ ଅତୀତ କଥାଗୁଡ଼ିକ ମନେପଡ଼ିଲା । ସେଥିମଧ୍ୟରୁ ଗଙ୍ଗାଧର ମେହେର କଲେଜ ବିଷୟ ମନକୁ ଆନ୍ଦୋଳିତ କରିଥିଲା । ଗଙ୍ଗାଧର ମେହେର କଲେଜରୁ ପଢ଼ିବା ପରେ କଟକ ରେଭେନ୍ସା କଲେଜରେ ବି.ଏସ୍‌ସି. ପଢ଼ିବାକୁ ଯାଇଥିଲି । ସେହି ସମୟରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ଅଧିକ କିଛି ପଢିବାକୁ ଯାଉଥିଲି । ସେଇଠୁ ଜାଣିଲି ଡାକ୍ତରୀ ଛାତ୍ରୀଛାତ୍ରମାନେ ୩୫ଟଙ୍କା ବୃତ୍ତି ପାଉଛନ୍ତି । ସେହିଦିନଠାରୁ ପାଠ ପଢ଼ି ଶ୍ରେଷ୍ଠତ୍ୱ ହାସଲ କରିବି ବୋଲି ପଣ କରି ସଫଳତା ପାଇଥିଲି । ୧୯୫୬-୫୭ ଶିକ୍ଷାବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ବାୟୋଲୋଜି ବିଷୟରେ ମୋର ମାର୍କ ଶୀର୍ଷରେ ଥିଲା । ଏହାକୁ ଦୃଷ୍ଟିରେ ରଖି ଡାକ୍ତରୀ ପାଠ ପଢ଼ିବାକୁ ମୋତେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ୧-ନମ୍ବରରେ ଡାକରା ଆସିଥିଲା । ସେହି ସମୟରେ ନାମ ଲେଖାଇବା ମଧ୍ୟ କାଠିକରପାଠ ଥିଲା । କିନ୍ତୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଗଙ୍ଗାଧର ମେହେର କଲେଜ ଟ୍ରଷ୍ଟ ଫଣ୍ଡରୁ ୨୫ଟଙ୍କା ଦେଇଥିଲେ । ଏଥିରେ ତତ୍କାଳୀନ ଅଧ୍ୟକ୍ଷ ମାୟାଧର ମାନସିଂ, ଇନଚାର୍ଜ ପ୍ରଫେସର ଦୁର୍ଗା ପ୍ରସାଦ ନାୟକ ଓ ସୈରେନ୍ଦ୍ରୀ ନାୟକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଏପରି ଟ୍ରଷ୍ଟଫଣ୍ଡରୁ ୨୫ଟଙ୍କା, ମେଧାବୀ ବୃତ୍ତି ୩୫ଟଙ୍କା ଓ ବାପାଙ୍କ ୫୦ ଟଙ୍କାରେ ଡାକ୍ତରୀ ପାଠ ପଢ଼ିଲି । ଅନେକ ଦିନରୁ ଗଙ୍ଗାଧର ମେହେର କଲେଜକୁ କିଛି ଅର୍ଥ ଦେବାକୁ ବାକି ଥିଲା । କିନ୍ତୁ ଦେଇ ପାରି ନ ଥିଲି । ସ୍ୱାମୀଙ୍କ ଅନ୍ତେ ରକ୍ଷଣାବେକ୍ଷଣ ଅଭାବରୁ ସମ୍ବଲପୁର ଜିଲା ମାଝିପାଲିସ୍ଥିତ ଫାର୍ମ ହାଉସକୁ ବିକ୍ରି କରିଦେଲି । ସେଥିରୁ ମିଳିଥିବା ଅର୍ଥରୁ ଗଙ୍ଗାଧର ମେହେର କଲେଜ (ବର୍ତ୍ତମାନର ବିଶ୍ୱବିଦ୍ୟାଳୟ)କୁ ୩୦ଲକ୍ଷ ଟଙ୍କା ପ୍ରଦାନ କଲି । ଏହି ଟଙ୍କାରେ ଗରିବ ଓ ମେଧାବୀ ଛାତ୍ରୀଛାତ୍ରମାନେ ଯେମିତି ମୁକ୍ତଭାବେ କମ୍ପ୍ୟୁଟର ପାଠ ପଢ଼ିପାରିବେ ସେଥିପାଇଁ ୧୦୦ଟି ଅତ୍ୟାଧୁନିକ କମ୍ପ୍ୟୁଟର କିଣାହେଲା । ଏହାପରେ ପର୍ଯ୍ୟାୟକ୍ରମେ ସମ୍ବଲପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟକୁ ୨୫ ଲକ୍ଷ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟକୁ ୧୫ ଲକ୍ଷ, ଲୋକସେବକ ମଣ୍ଡଳକୁ ୩୫ ଲକ୍ଷ ମଧ୍ୟ ଦେଇଦେଲି । ତେବେ ଏହି ୩୫ ଲକ୍ଷ ଟଙ୍କାର ସୁଧରେ ଚଳିତ ଏପ୍ରିଲ୍ ମାସ ୨୦୨୪ରୁ ଗରିବ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ପ୍ରଦାନ କରାଯିବାର ଯୋଜନା ରହିଛି । ଏତଦ୍‌ବ୍ୟତୀତ ସମ୍ବଲପୁର ଜିଲା ସାମ୍ବାଦିକ ସଂଘକୁ ପ୍ରଶାନ୍ତ କୁମାର ମହାନ୍ତି ସ୍ମାରକୀ ହଲ, ପବ୍ଲିକ ଲାଇବ୍ରେରୀ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ରୋଟାରୀ ଡାକ୍ତରଖାନା ସମେତ ଅନେକ ଛୋଟବଡ଼ ଅନୁଷ୍ଠାନକୁ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ପ୍ରଦାନ କରିଦେଇଛି । ସେହିପରି ସମ୍ବଲପୁର ସହର ଭୁତାପଡ଼ାସ୍ଥିତ ୮ଡିସିମିଲ ପରିମିତ କୋଠା(ଯାହାର ମୂଲ୍ୟ ୧କୋଟି ୫୦ଲକ୍ଷରୁ ଉର୍ଦ୍ଧ୍ୱ ହେବ)କୁ ସରକାରୀ ମହିଳା ମହାବିଦ୍ୟାଳୟକୁ ମଧ୍ୟ ଦାନ କରି ଦେଇଛି । ବର୍ତ୍ତମାନ ମୁଁ ଏହି କୋଠାରେ ରହୁଛି । ମୋ ଅନ୍ତେ ଏହି କୋଠାରେ ଗରିବ ମେଧାବୀ ଛାତ୍ରୀମାନେ ରହିପାରିବେ । ଚଳିତ ବର୍ଷ ମହିଳା ମହାବିଦ୍ୟାଳୟରେ ଅନେକ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୋଇଛି ; ଯଦ୍ୱାରା ହଷ୍ଟେଲରେ ସ୍ଥାନାଭାବ ରହିଛି । ଅନେକ ଛାତ୍ରୀ ହଷ୍ଟେଲ ପାଇବାରୁ ବଞ୍ଚିତ ହେଉଛନ୍ତି । ତେଣୁ ମୁଁ ମୋ ଉପର ମହଲା ତାଙ୍କୁ ଦେଇ ସାରିଛି । ବର୍ତ୍ତମାନ ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀ ସେଠାରେ ରହୁଛନ୍ତି । ସେମାନଙ୍କ ପାଠ ପଢ଼ା ଶୁଣି ମନରେ ଆନନ୍ଦ ଭରିଯାଉଛି । ମୁଁ ଭାବେ ଏହା ଦାନ ନୁହେଁ ବରଂ ପୁଣ୍ୟ ।'



ଡା. ନାରାୟଣୀ ପଣ୍ଡା



ଡା. ଶଙ୍କର ରାମଚନ୍ଦାନୀ



ଡା. ଚନ୍ଦ୍ରେଶ୍ୱର ପାଣିଗ୍ରାହୀ

## ସେବା ଓ ମମତାର ଅନ୍ୟନାମ ଡା.ଶଙ୍କର

ଏକ ଟଙ୍କିଆ କ୍ଲିନିକ, ଏକ ଟଙ୍କିଆ ଔଷଧ, ଜୁନାପାଣି କୁଷ୍ଠ କଲୋନୀକୁ ପୌଷ୍ୟ ଗ୍ରହଣ, କୁଷ୍ଠ ରୋଗୀଙ୍କୁ ବୋହି ରାସ୍ତା ପାରି କରିବା, କୁଷ୍ଠ ରୋଗୀମାନଙ୍କ ସହିତ ଜନ୍ମଦିନ ପାଳନ କରିବା, ବାଛ ବିଚାର ନ କରି କୁଷ୍ଠ ରୋଗୀଙ୍କ ସହିତ ଏକାଠି ବସି ଭୋଜନ କରିବା ଆଦି କାର୍ଯ୍ୟ ଯିଏ ହସି ହସି କରିଥାନ୍ତି ସେ ହେଲେ **ଡା. ଶଙ୍କର ରାମଚନ୍ଦାନୀ** । ଏହି ସମସ୍ତ କାର୍ଯ୍ୟ ସହ ବର୍ତ୍ତମାନ ତାଙ୍କର ଆଉ କେତେକ ମହତ୍ କାର୍ଯ୍ୟ ମଧ୍ୟ ଯୋଡ଼ି ହୋଇଛି ; ଯେମିତି କି ଏକ ଟଙ୍କିଆ ଇସିଜି ପରୀକ୍ଷା, ଆଜମା ରୋଗୀଙ୍କ ସକାଶେ ନିବୁଲାଇଜେସନ ଓ ଗରିବ ରଥ ସେବା ଇତ୍ୟାଦି । ଡା. ଶଙ୍କର ବରଗଡ଼ ଜିଲା ପଦମପୁରଠାରେ ୧୯୮୨ ମସିହା ଏପ୍ରିଲ ୪ତାରିଖରେ ଏକ ଗରିବ ପରିବାରରେ ଜନ୍ମ ହୋଇଥିଲେ । ମାଆ ରାଜବନ୍ତି ଓ ବାପା ସ୍ୱର୍ଗତ ବ୍ରହ୍ମାନନ୍ଦ ରାମଚନ୍ଦାନୀଙ୍କ ପାଞ୍ଚ ପୁଅ ଓ ଚାରି ଝିଅଙ୍କ ମଧ୍ୟରୁ ଶଙ୍କର ହେଲେ ଜଣେ । ଭାଇଙ୍କ ମଧ୍ୟରେ ସେ ସବା ସାନ । ଯୌଥ ପରିବାରରେ ବଡ଼ ହୋଇଥିବାରୁ ଛୋଟବେଳୁ ଶଙ୍କର ବିଭିନ୍ନ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଥିଲେ । କିନ୍ତୁ ମେଧାବୀ ଛାତ୍ର ଥିଲେ । ୨୦୦୪ରେ ଡାକ୍ତରୀ ପାଠ ପଢ଼ା ଶେଷ ପରେ ଦୁଇ ବର୍ଷ ନିଯୁକ୍ତିଭିତ୍ତିକ ଡାକ୍ତର ଭାବେ କାର୍ଯ୍ୟ କରିଥିଲେ । ଏହାପରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତର ଭାବେ ନିଯୁକ୍ତି ପାଇଥିଲେ । ଆଜକୁ ପ୍ରାୟ ୫ ବର୍ଷ ହେବ ସେ ସମ୍ବଲପୁର ବୁର୍ଲା ମେଡିକାଲରେ କାମ କରୁଛନ୍ତି । ବର୍ତ୍ତମାନ ସେ ବୁର୍ଲା ମେଡିକାଲରେ ଆସୋସିଏଟ ପ୍ରଫେସର ଭାବେ କାର୍ଯ୍ୟରତ । ରୋଗୀ ସେବାକୁ ନେଇ ଡା.ଶଙ୍କର କୁହନ୍ତି, 'ରୋଗୀ ସେବା ହେଉଛି ଜଣେ ଡାକ୍ତରଙ୍କ ପ୍ରଥମ କର୍ତ୍ତବ୍ୟ । ମୁଁ ପ୍ରତ୍ୟେକ ଦିନ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମେଡିକାଲରେ କର୍ତ୍ତବ୍ୟ ସଂପାଦନା କରିଥାଏ । ତା'ପରେ ସନ୍ଧ୍ୟା ୬ଟାରୁ ରାତ୍ରି ୮ଟା ପର୍ଯ୍ୟନ୍ତ ଏକ ଟଙ୍କିଆ କ୍ଲିନିକରେ ଗରିବ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରେ । ଏକ ଟଙ୍କିଆ







ଡା. ଶିଶିର କୁମାର ସାହୁଙ୍କ ସହ ପତ୍ନୀ ଚନ୍ଦ୍ରରେଖା ସାହୁ



ସ୍ୱାମୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସହ ଡା.ନାରାୟଣୀ ପଣ୍ଡା

କ୍ଲିନିକ ଖୋଲିବାରେ ଅତୀତର ସ୍ମୃତିଜଡ଼ିତ ହୋଇ ରହିଛି। ଅଜା ଲକ୍ଷ୍ମଣ ଓ କକା ପ୍ରକାଶ କର୍କଟ ରୋଗରେ ପୀଡିତ ଥିଲେ। ଅର୍ଥ ଅଭାବରୁ ଅଜା ଓ କକାଙ୍କ ଚିକିତ୍ସା କରିବା ଲାଗି ମୋର ବାପାଙ୍କ ପାଖରେ ଅର୍ଥ ନ ଥିଲା ; ଯଦ୍ଦ୍ୱାରା ଅଜା ଓ କକାଙ୍କ ପରଲୋକ ହୋଇଗଲା। ସେହି ଦିନରୁ ବାପା ଆମ୍ଭମାନଙ୍କୁ ଡାକ୍ତରୀ ପାଠ ପଢ଼ାଇବାକୁ ପଣ ନେଇଥିଲେ। ପାଞ୍ଚ ଭାଇରୁ ମୁଁ ଓ ମୋର ବଡ଼ ଭାଇ ଡାକ୍ତରୀ ପାଠ ପଢ଼ିବାରେ ସଫଳତା ହାସଲ କଲୁ। କିନ୍ତୁ ପଦ୍ମପୁର ସହରରେ ନର୍ସିଂ ହୋମ ଖୋଲିବାକୁ ଆମର ସମ୍ବଳ ନ ଥିଲା। ସେଥିପାଇଁ ସେବା ମନୋଭାବ ନେଇ ୨୦୨୧ ମସିହା ଫେବୃୟାରୀ ୧୨ ତାରିଖରେ ଏକ ଟଙ୍କିଆ କ୍ଲିନିକର ଶୁଭାରମ୍ଭ କରିଥିଲି। ବର୍ତ୍ତମାନ ସୁଦ୍ଧା ୫୦ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଏହାର ସୁବିଧା ନେଇସାରିଲେଣି। ଏତଦ୍‌ବ୍ୟତୀତ ପ୍ରତି ମାସରେ ଦୁଇ ଦିନ ଛୁଟି ନେଇ ପଦ୍ମପୁରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଉଛି। ୨୦୨୩ ମସିହା ଫେବୃୟାରୀରୁ ନିଜ କାର୍‌ଟିକୁ ଆମ୍ବୁଲାନ୍ସରେ ପରିଣତ କରିଛି ; ଯାହାକି ଜୁନାପାଣି ଲେପର୍ସି କଲୋନୀରେ ରହୁଛି। ସେହିପରି ୨୦୨୪ ମାର୍ଚ୍ଚ ୧୨ ତାରିଖରେ ଗରିବ ରଥର ଶୁଭାରମ୍ଭ ହୋଇଛି। ଗ୍ରାମାଞ୍ଚଳର ଯେଉଁ ଦୁଃସ୍ଥ ଓ ଗରିବ ଜନସାଧାରଣ ଆର୍ଥିକ ସମସ୍ୟା ଯୋଗୁ ଟଙ୍କିକିଆ କ୍ଲିନିକ ଆସି ପାରୁନାହାନ୍ତି, ସେମାନଙ୍କୁ ଏକଟଙ୍କିଆ ଗରିବ ରଥ ସେବା ପ୍ରଦାନ କରାଯାଉଛି। ଏଥିସହ ସୋମବାର ବୁର୍ଲା ମେଡିକାଲକୁ ମଧ୍ୟ ଅଣାଯାଇ ଆଉଟ୍‌ଡୋରରେ ମୁଁ ସେବା ପ୍ରଦାନ କରୁଛି। ସେହିପରି ଇସିଜି ପରୀକ୍ଷା କରିବା ସକାଶେ ଅନେକ ରୋଗୀଙ୍କ ପାଖରେ ଟଙ୍କା ନ ଥିବା ଅନୁଭବ କରି ୨୦୨୪ ଫେବୃୟାରୀ ୧୨ ତାରିଖରୁ ଇସିଜି ଓ ନିବୁଲାଇଜର ସେବା ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ପ୍ରାୟ ୧୦୩ ଜଣଙ୍କୁ ଇସିଜି ଓ ପ୍ରାୟ ୨୧୩ ଜଣଙ୍କୁ ନିବୁଲାଇଜେଶନ ସେବା ପ୍ରଦାନ କରାଯାଇଛି। ମୋ ମତରେ ରାଜ୍ୟ ସରକାର ଆମ ଡାକ୍ତରମାନଙ୍କୁ ଚଳିବାକୁ ଯଥେଷ୍ଟ ଦରମା ଦେଉଛନ୍ତି, ଯଦି ସେଥିରୁ ଆମେ ସାମାନ୍ୟ ଖର୍ଚ୍ଚ କରି କିଛି ଗରିବ ଶ୍ରେଣୀର ଲୋକଙ୍କୁ ସେବା ପ୍ରଦାନ କରିପାରିବା ତା'ହେଲେ କ୍ଷତି କ'ଣ।' ତାଙ୍କର ଏହି ମହତ୍ ଚିନ୍ତାଧାରାକୁ ଯଥେଷ୍ଟ ସମ୍ମାନ ଦେଇ ତାଙ୍କୁ ପ୍ରତି ମୁହୂର୍ତ୍ତରେ ଯିଏ ସାହାଯ୍ୟ କରୁଛନ୍ତି ସେ ହେଲେ ତାଙ୍କ ଧର୍ମପତ୍ନୀ ଡା ଶିଖା ରାମଚନ୍ଦାନୀ। ପତ୍ନୀଙ୍କ ପ୍ରେରଣା ଓ ଦୁଇ ଯାଆଁଳା ଝିଅ ରିଦ୍ଧି ଓ ରିଆଂଶିଙ୍କ ସ୍ନେହଆଦରରେ ବାନ୍ଧି ହୋଇ ନିଜ ଜୀବନକୁ ଏମିତି ରୋଗୀ ସେବାରେ ବିତାଇଦେବାକୁ ପଣ କରିଥିବା ଡା.ଶଙ୍କର ଅନ୍ୟମାନଙ୍କ ପାଇଁ ଜଣେ ପ୍ରେରଣା।

## ସମାଜସେବୀ ଚିକିତ୍ସକ ଡା. ଶିଶିର

ଆମ ସମାଜରେ ଏମିତି କିଛି ବ୍ୟକ୍ତି ଅଛନ୍ତି ; ଯେଉଁମାନେ ନିଜର ନିଃସ୍ୱାର୍ଥପର ସେବା ନିମନ୍ତେ ଜନସାଧାରଣଙ୍କଠାରେ ବିଶେଷ ଭାବରେ ଆଦୃତ ହୋଇପାରିଛନ୍ତି। ସେମିତି ଜଣେ ହେଲେ **ଡା. ଶିଶିର କୁମାର ସାହୁ।** ଏହି ଜନପ୍ରିୟ ଡାକ୍ତରଙ୍କ ଜନ୍ମ ସୁନ୍ଦରଗଡ଼ ଜିଲାର କୁଣ୍ଡୁରୁକେଲା ଠାରେ ୧୯୪୪ ମସିହାରେ ହୋଇଥିଲା। ବାପା ଅଭିମନ୍ୟୁ ସାହୁ ଏବଂ ମାତା ତାରା ଦେବୀ। ପିଲାଟି ଦିନରୁ ସେ ଖୁବ୍ ମେଧାବୀ ଥିଲେ। ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ଡାକ୍ତରୀ ପାଠ ଶେଷ କରି ୧୯୬୮ ମସିହାରେ ବରଗଡ଼ସ୍ଥିତ ସରକାରୀ ଚିକିତ୍ସାଳୟରେ ଯୋଗ ଦେଇଥିଲେ। ବରଗଡ଼ ଡାକ୍ତରଖାନା ପରେ ସେ ବିଜେପୁର, ସୋହେଲାରେ କିଛି ବର୍ଷ ରୋଗୀ ସେବା କରି ୨୦୦୨ରେ ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଚାକିରିରୁ ଅବସର ନେଇଥିଲେ। ଅବସର ପରେ ମଧ୍ୟ ଆଜିଯାଏଁ ସୋହେଲାରେ ସେ ସ୍ୱାଭାବିକ ଭାବେ ରୋଗୀ ସେବା କରିଆସୁଛନ୍ତି। ମୁଖ୍ୟ କଥା ହେଲା, ଡା. ଶିଶିର ମାତ୍ର ୧୦ ଟଙ୍କା ମୂଲ୍ୟରେ (ବାଧ୍ୟତାମୂଳକ ନୁହେଁ) ରୋଗୀ ସେବା ପ୍ରଦାନ କରିଥାନ୍ତି। ତାଙ୍କର ଆଶ୍ୱସନାମୂଳକ କଥା ରୋଗୀଙ୍କ ମନୋବଳକୁ ବଢ଼ାଇଦିଏ। ଦରକାର ପଡ଼ିଲେ ସେ ରୋଗୀଙ୍କୁ ମାଗଣା ଔଷଧ ସହ ଆର୍ଥିକ ସହାୟତା ମଧ୍ୟ ଦେଇଥାନ୍ତି। କମ୍ ମୂଲ୍ୟରେ ଚିକିତ୍ସା ହେଉଥିବାରୁ ରୋଗୀମାନେ ତାଙ୍କୁ ଦେବତା ତୁଲ୍ୟ ଶ୍ରଦ୍ଧା କରିଥାନ୍ତି। ଡାକ୍ତର ସାହୁଙ୍କ ଅମାୟିକ ବ୍ୟବହାର ହିଁ ତାଙ୍କର ଲୋକପ୍ରିୟତାର ମୁଖ୍ୟ କାରଣ। ସୋହେଲାଠାରେ ବିଶେଷଜ୍ଞ ଡାକ୍ତର ଥିବା ସତ୍ତ୍ୱେ ବରପାଲି, ବିଜେପୁର ସହ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରୁ ବି ବହୁ ରୋଗୀ ଚିକିତ୍ସା ପାଇଁ ତାଙ୍କ କ୍ଲିନିକ୍‌କୁ ଆସିଥାନ୍ତି। ତାଙ୍କର ଏହି ସ୍ୱାସ୍ଥ୍ୟସେବା ସକାଳ ୮ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲେ। ସବୁଠାରୁ ବଡ଼ କଥା ହେଲା ଏତେ ବୟସରେ ବି ରାତିରେ ରୋଗୀଙ୍କୁ ସେବା ଯୋଗାଇଥାନ୍ତି। ସୁଦୂର ସମ୍ବଲପୁର, ସୋନପୁରରୁ ବହୁ ସାପ କାମୁଡ଼ା ରୋଗୀ ଆସି ଏହି ସ୍ଥାନରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଛନ୍ତି। କେବଳ ରୋଗୀ ସେବା ନୁହେଁ ଉକ୍ତ ଅଞ୍ଚଳର ଶିକ୍ଷାର ବିକାଶ ଦିଗରେ ବି ସେ ସର୍ବଦା ତତ୍ପର ଥାନ୍ତି। ସେ ସୋହେଲାଠାରେ ଗଣିତ ଅଲମ୍ପିୟାଡ୍ ଆରମ୍ଭ କରିଥିଲେ। ସୋହେଲାଠାରେ ଗଢି ଉଠିଥିବା ଧନ୍ଦାମୂଳକ ଶିକ୍ଷାର ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ସମ୍ପାଦନ କରିଥିଲେ। ଏହିପରି ଭାବରେ ଏହି ଅଞ୍ଚଳର ଛାତ୍ରୀଛାତ୍ର ମାନଙ୍କୁ ମାର୍ଗଦର୍ଶନ ଦେବା ସହ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହଯୋଗ ବି କରି ଆସୁଛନ୍ତି। ଏପରି କି ନିଜ ମାମୁ ଘର ଗ୍ରାମ ଉଲ୍‌ବାଠାରେ ଥିବା ଗାଁ ବିଦ୍ୟାଳୟକୁ ନିଜ ପିତାମାତାଙ୍କ ସ୍ମୃତିରେ ଜମିଦାନ ମଧ୍ୟ କରିଛନ୍ତି। ସେହିପରି ସୋହେଲା ନିକଟରେ ଥିବା ସାହାଜବାହାଲ ଗ୍ରାମଠାରେ ସ୍ଥାପିତ ପ୍ରଭାତ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଭାବରେ ୧୫ବର୍ଷ ଧରି ମାଗଣା ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇ ଆସୁଛନ୍ତି। ଓଡ଼ିଶା ମଦମୁକ୍ତି ଆନ୍ଦୋଳନ ବରଗଡ଼ ଜିଲା ସଭାପତି ଦାୟିତ୍ୱ ମଧ୍ୟ ନେଇଥିଲେ। ସୋହେଲା ଧନ୍ୱନ୍ତରୀ ଭେଷଜ ସମିତିର ଉପଦେଷ୍ଟା ମଣ୍ଡଳୀର ସଭାପତି ଭାବରେ ରହି ବୈଦ୍ୟମାନଙ୍କୁ ବିଭିନ୍ନ ଚିକିତ୍ସା ଶିକ୍ଷା ଦେଇ ଆସୁଛନ୍ତି। ଏହାସହ ସେ ପାଣିମୋରା ସଂଗ୍ରାମୀମାନଙ୍କୁ ଏବଂ ସେମାନଙ୍କ ପରିବାରକୁ ମାଗଣା ଚିକିତ୍ସା ଯୋଗାଇବା ସହ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ମଧ୍ୟ କରି ଆସୁଛନ୍ତି। ଏଥିସହିତ ତାଙ୍କର କ୍ରୀଡ଼ା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ବିଶେଷ ରୁଚି ରହିଥିବାରୁ ସେ ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ମଧ୍ୟ ଜଡ଼ିତ ଅଛନ୍ତି। ତେବେ ଡା. ଶିଶିରଙ୍କର ଏହି ଜନସେବା କାର୍ଯ୍ୟରେ ତାଙ୍କ ଧର୍ମପତ୍ନୀ ଚନ୍ଦ୍ରରେଖା ସାହୁ ବଞ୍ଚିଥିବା ଯାଏଁ ସବୁବେଳେ ପ୍ରେରଣା ଦେଇ ଆସୁଥିଲେ। ସେଥିପାଇଁ ଡା. ଶିଶିର ତାଙ୍କ ପତ୍ନୀଙ୍କର ସେହି ବଦାନ୍ୟତାକୁ ଆଜି ବି ଝୁରି ହେବା ସହ ରୋଗୀ ସେବାକୁ ସେମିତି ଜାରି ରଖିଛନ୍ତି।


କେବଳ ଏମାନେ ନୁହନ୍ତି, ଏମାନଙ୍କ ପରି ଆହୁରି ଅନେକ ଡାକ୍ତର ଆମ ସମାଜରେ ଅଛନ୍ତି ; ଯେଉଁମାନଙ୍କ ନିଃସ୍ୱାର୍ଥପର ରୋଗୀ ସେବା ତାଙ୍କୁ ଦ୍ୱିତୀୟ ଈଶ୍ୱରର ଆଖ୍ୟା ଦେଇଛି।

**–ଅନ୍ୱିତା ମିଶ୍ର**

ସହାୟତା: **ଦୁର୍ଯ୍ୟୋଧନ ପାତ୍ର, ବି. ଶଙ୍କର, ଅଶ୍ୱିନୀ କୁମାର ପାତ୍ର**



ପତ୍ନୀ ଶିଖା ରାମଚନ୍ଦାନୀ ଓ ଦୁଇ ଝିଅଙ୍କ ସହ ଡା. ଶଙ୍କର ରାମଚନ୍ଦାନୀ



ଡା. ଚନ୍ଦ୍ରେଶ୍ୱର ପାଣିଗ୍ରାହୀଙ୍କ ସହ ପତ୍ନୀ ଶ୍ରୀୟଙ୍କା ମିଶ୍ର

# ଲେଖିଦେଲେ ଶାନ୍ତି ଲାଗେ




**ପ**ରିବାରରେ ଥିଲା ଆଧାତ୍ମିକ ପରିବେଶ, ଯାହାର ପ୍ରଭାବ ପଡ଼ିଥିଲା ତାଙ୍କ ଉପରେ। ତାଙ୍କ ମନରେ ଥିବା ଆଧାତ୍ମିକ ଭାବନାକୁ ସେ ସାହିତ୍ୟରେ ପ୍ରକାଶ କରୁଥିଲେ। ଦୀର୍ଘ ୨ ଦଶନ୍ଧି ଧରି ବିଭିନ୍ନ ପୁରାଣ କଥା,ପ୍ରବନ୍ଧ, ମହାପୁରୁଷଙ୍କ ଜୀବନୀ ଓ ଆଧ୍ୟାତ୍ମିକ ବିଷୟକୁ ନେଇ ତାଙ୍କ ଲେଖନି ମୁନରେ ଫୁଟି ଉଠିଛି ଏକାଧିକ କାବ୍ୟକବିତା। ଏଯାଏ ସେ ରଚନା କରିଛନ୍ତି ୧୬ଟି ପୁସ୍ତକ। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ଅନେକ ଅନୁଷ୍ଠାନରୁ ତାଙ୍କୁ ମିଳିଛି ସମ୍ମାନ ଓ ପୁରସ୍କାର। ସେ ହେଲେ **ଡକ୍ଟର ଶରଚ୍ଚନ୍ଦ୍ର ମହାପାତ୍ର**। ପେସାରେ ଶିକ୍ଷାବିତ୍ ମାତ୍ର ନିଶା ସାହିତ୍ୟ ସାଧନା। ଜନ୍ମ ୧୯୪୭ ମସିହା ମାର୍ଚ୍ଚ ୧୧ ତାରିଖରେ। ମାତା ହାରାମଣି ଦେବୀ, ପିତା ସାମନ୍ତ ଗଙ୍ଗାଧର ମହାପାତ୍ର। ଘର ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଉଶନା ବରପଦା(ଶ୍ରୀମୁକୁନ୍ଦପୁର ଶାସନ)ରେ। ସେ କୁହନ୍ତି, 'ଆମର ଏକ ରକ୍ଷଣଶୀଳ ପରିବାର । ସେତେବେଳେ ଜମିଦାର ଭାବେ ପରିଚୟ ରହିଥିଲା। ଘରେ ସର୍ବଦା ଆଧ୍ୟାତ୍ମିକ ବାତାବରଣ ଥାଏ। ପରିବାରରେ ସମସ୍ତେ ଶ୍ରୀଜଗନ୍ନାଥ ସଂସ୍କୃତି ଦ୍ୱାରା ପ୍ରଭାବିତ। ମୋର ପାଠପଢ଼ା ଗାଁ ସ୍କୁଲରେ ଆରମ୍ଭ ହୁଏ। ପରେ ପୀତବାସ ମଧ୍ୟ ଇଂରାଜୀ ବିଦ୍ୟାଳୟ, ବକୁରେ ୭ମ ପଢ଼ା ସାରି କ୍ୟାପିଟାଲ ହାଇସ୍କୁଲ ଭୁବନେଶ୍ୱରରେ ୧୦ମ ପାସ୍ କଲି। ଏହାପରେ ସାମନ୍ତ ଚନ୍ଦ୍ରଶେଖର କଲେଜ ପୁରୀ ଏବଂ ପରେ ବାଣୀବିହାରରେ ଏମ୍ଏ ସାରିଲି। ସମୟକ୍ରମେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ କଲି। ଅଧ୍ୟାପକ ଭାବେ ପ୍ରଥମେ ବାରିପଦା ଏମପିସିରେ କାର୍ଯ୍ୟ କଲି। ପରେ ପାରଳାଖେମୁଣ୍ଡି, ସମ୍ବଲପୁର, ବଲାଙ୍ଗୀରରେ ଥିବା କଲେଜ ଏବଂ ପୁରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ କାର୍ଯ୍ୟକରି ୨୦୦୫ ମସିହାରୁ ଅବସର ନେଇସାରିଛି। ମୋର କଲେଜ ପଢ଼ା ସମୟରୁ ହିଁ ଲେଖାଲେଖିରେ ରୁଚି ରହିଥିଲା। ବିଭିନ୍ନ ସମୟରେ ଗୀତା, ଉପନିଷଦ, ରାମାୟଣ, ମହାଭାରତ, ପୁରାଣ କଥା ପଢ଼ିବା ଏବଂ ଧର୍ମଶାସ୍ତ୍ର ବିଷୟରେ ଜାଣିବା ହେତୁ ବହୁ ମୂଲ୍ୟବୋଧଭିତ୍ତିକ ଲେଖା ଲେଖିବାକୁ ମନରେ ଆପେ ଆପେ ଆଗ୍ରହ ସୃଷ୍ଟି ହେଉଥିଲା। କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା ସମୟରେ ବହୁ ପ୍ରତିଷ୍ଠିତ ଲେଖକଙ୍କ ସହିତ ଦେଖା ସାକ୍ଷାତ୍ କରିବାର ସୁଯୋଗ ମତେ ମିଳିଥିଲା। ଯଶସ୍ୱୀ ଲେଖକ, କବିମାନଙ୍କ ଲେଖାକୁ ନେଇ ବିଭିନ୍ନ ସମୟରେ ଆଲୋଚନାଚକ୍ର କରାଯାଉଥିଲା। ସେଥିରେ ଯୋଗଦେଉଥିବାରୁ ଅନେକ କଥା ଜାଣିବା ସହିତ ମନରେ ନୂଆ ନୂଆ ଭାବନା ଉଦ୍ରେକ ହେଉଥିଲା। ମାତ୍ର ଛାତ୍ରୀଛାତ୍ରମାନେ କିପରି ଭଲ ମଣିଷ ହେବେ ସେଇ ଚିନ୍ତା ହିଁ ମୋତେ ଘାରୁଥିଲା। ନୂଆ ପିଢ଼ିମାନେ କିପରି ଭାରତୀୟ ତଥା ଓଡ଼ିଶାର ପାରମ୍ପରିକ ଧର୍ମସଂସ୍କୃତିର ନୀତି ଆଦର୍ଶକୁ ମନେରଖିବେ, ସେଥିପାଇଁ ସରକାରୀ ଚାକିରିରୁ ଅବସର ପରେ ଅଧିକ ସମୟ ପୁରାଣ ଓ ଆଧ୍ୟାତ୍ମିକତା ବିଷୟ ଏବଂ ମହାପୁରୁଷଙ୍କ ଜୀବନୀ ଆଦି ପ୍ରସଙ୍ଗକୁ ନେଇ ଯୁଗୋପଯୋଗୀ ବିଭିନ୍ନ ଲେଖା ଲେଖିଲି। ମୋ ରଚିତ ପୁସ୍ତକ ମଧ୍ୟରେ କବିତା 'କଲ୍ଲୋଳିନୀ, 'ଭକ୍ତି କୁସୁମାଞ୍ଜଳି, 'ଶ୍ରୀଶିବସ୍ତୋତ୍ରମାଳା', 'ଶ୍ରେୟାଂଶା', 'ଲାଲବାହାଦୁର', 'ମନସ୍ୱିନୀ ଦମୟନ୍ତୀ', 'ପୀୟୂଷପ୍ରବାହ', 'ଦିବ୍ୟଜୋତି', 'ପ୍ରେରଣା', 'ସେହ୍ନାଶୀଳା ଶକୁନ୍ତଳା', 'ଅଟଳ ବିହାରୀ ବାଜପେୟୀ' ଆଦି ପୁସ୍ତକ ରଚନା ରହିଛି। ଏସବୁକୁ ମୁଁ ମହାପ୍ରଭୁଙ୍କ କୃପା ବୋଲି ଭାବେ। ମୁଁ ସବୁ ସମୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଛି। ତାଙ୍କ ସମ୍ପର୍କରେ ଲେଖିଥିବା 'ସତ୍ୟବାଦୀର ପଞ୍ଚସଖା' ପୁସ୍ତକ ମୋତେ ବେଶି ଆତ୍ମସନ୍ତୋଷ ଦେଇଛି। ତେଣୁ ମୁଁ ସର୍ବଦା ଚରିତ୍ରଗଠନମୂଳକ ଓ ମୂଲ୍ୟବୋଧଭିତ୍ତିକ ଲେଖା ଲେଖିବାକୁ ପ୍ରୟାସ କରିଥାଏ। ଶିକ୍ଷାବିତ୍ ତଥା ଐତିହାସିକ ଲେଖକ ସତ୍ୟବାଦୀ ବଳିୟାରସିଂହ ଓ ଡକ୍ଟର ପ୍ରମୋଦ ଚନ୍ଦ୍ର ଦାସ ମତେ ଲେଖିବା ପାଇଁ ପ୍ରେରଣା ଦିଅନ୍ତି। ପରିବାରର ଅନ୍ୟମାନେ ମଧ୍ୟ ମୋତେ ଉତ୍ସାହିତ କରିଥାନ୍ତି। ପତ୍ନୀ ମୋ ଲେଖା ପଢ଼ି ଭଲମନ୍ଦ କୁହେ। ଏମିତିରେ ବିଭିନ୍ନ ଲେଖା ଲେଖିବାରେ ୨୦ ବର୍ଷ ବିତିସାରିଲାଣି। ମୋ ପ୍ରତିଭା ପାଇଁ ରାଜ୍ୟର ଶତାଧିକ ଅନୁଷ୍ଠାନରୁ ମୁଁ ସମ୍ମାନିତ ଓ ପୁରସ୍କୃତ ହୋଇଛି। ଗୋଟିଏ କଥା ମନେପଡୁଛି, ଥରେ ମୁଁ ପିଲାଙ୍କ ପରୀକ୍ଷା ଖାତା ଦେଖିବାକୁ ସମ୍ବଲପୁରରେ ରହିଥାଏ। ସେହି ସମୟରେ ମୋ ମା' ଆରପାରିକୁ ଚାଲିଯିବାର ଦୁଃଖଦ ଖବର ଶୁଣିଲି । ମା'କୁ ହରାଇବା ଦୁଃଖରେ କବିତାଟିଏ ଲେଖିଥିଲି। ଯେତେବେଳେ ସେହି କବିତାକୁ ପଢୁଥିଲି ଆପେ ଆପେ ମୋ ଆଖିରେ ଲୁହସବୁ ଠୁଳ ହୋଇଯାଉଥିଲା। କୋହ ସମ୍ଭାଳି ପାରୁ ନ ଥିଲି। ତାହା ଥିଲା ମୋ' ପାଇଁ ସବୁଠୁ ଦୁଃଖର ସମୟ। ମୁଁ ଘରର ବଡ଼ପୁଅ। ମୋ ସହିତ ମୋର ସାତଭାଇ ଓ ତିନି ଭଉଣୀ। ଏବେ ପରିବାରରେ ପତ୍ନୀ, ତିନିପୁଅ, ତିନିବୋହୂ, ତିନି ନାତୁଣୀଙ୍କୁ ନେଇ ଖୋର୍ଦ୍ଧାରେ ରହୁଛି। ଆଜିକାଲି ଦେହ ଟିକେ ଅସୁସ୍ଥ ରହୁଥିବାରୁ ଆଉ ସେତେଟା ଲେଖାଲେଖି କରିପାରୁନି। କିନ୍ତୁ ମନରେ ରହିଛି ଅଜସ୍ର ଭାବନା ଓ ଅସରନ୍ତି ସ୍ୱପ୍ନ। ସୃଜନଶୀଳତାର ନୂତନ ସୃଷ୍ଟିସମ୍ଭାରକୁ ନେଇ ମନ ସର୍ବଦା ଅଥୟ ହୁଏ, ତେଣୁ କିଛି ଲେଖିଦେଲେ ମନକୁ ଶାନ୍ତି ଲାଗେ।

**-ବନବିହାରୀ ବେହେରା**


















# ସଣ୍ଢଣା

**–ତପସ୍ୱିନୀ ଦାଶ ଷଡ଼ଙ୍ଗୀ**

**ବା**ହାଘର ଠିକ୍ ହେବା ପରେ ପରେ ବୋଉ ଆଉ ଜେଜେମା ଲାଗିପଡ଼ି ଶିଖାଇଲେ କେମିତି ଉଠିବି, କେମିତି ବସିବି, କେମିତି କହିବି, କେମିତି ଚଳିବି ।
ମୁହଁରେ ଜବାବ ଦେବୁନି, ସହିଯିବୁ ସବୁ, ନ ହେଲେ ବାପ ଘର ନାଁ ପଡ଼ିବ ଏମିତି ଏମିତି ।
–ଜେଜେ ମା'ର ସବୁବେଳେ ଆକଟ, ହେଇଟି ଝିଅ ଦେଖି ଚାହିଁକି କାମ କରିବୁ । ସଣ୍ଢଣା ଶିଖେଇ ନାହାନ୍ତି ବୋଲି କହିବେ ଲୋକେ ।
ବାପାଙ୍କର ତାଙ୍କ ଝିଅ ଉପରେ ଅଖଣ୍ଡ ବିଶ୍ୱାସ । ''ସେ ଆମ ଘରର ସଂସ୍କାରରେ ବଢ଼ିଛି। ପିଲା ବେଳୁ ଘରର ଚାଲି ଚଳଣ ଦେଖି ଆସିଛି । ସେ ଘରେ ଝିଅ ହେଇକି ଚଳିବ ବୋଲି ତ ସମୁଦୁଣୀ କହୁଥିଲେ । ଆମ ଝିଅ ସେ ଘରକୁ ସ୍ୱର୍ଗ କରିଦେବ।''
ବାହାଘରର ଛଅ ମାସ ପରେ ଗୋଟେ ଅଫିସ ପାର୍ଟି ଆଟେଣ୍ଡ କରିବା ପାଇଁ ଝିଅଟିର ସ୍ୱାମୀ ପ୍ରଦୀପ ଜିଦି କଲେ ଶାଢ଼ି ନୁହେଁ ସେ ଆଣିଥିବା ସମ୍ବଲପୁରୀ ଶୁଟ ପିନ୍ଧିବାକୁ ।
'' ରୁହ ମାଆଙ୍କୁ ପଚାରି ଆସୁଛି '' କହି ଶାଶୁଙ୍କ ପାଖକୁ ଗଲା ସେଇ ଝିଅଟି ପଚାରିବା ପାଇଁ।
–ଆରେ ମାଆ କାହିଁକି କିଛି କହିବ ! ଲିଲି (ପ୍ରଦୀପଙ୍କ ବିବାହିତା ଭଉଣୀ) ତ ସବୁଦିନ ଡ୍ରେସ ପିନ୍ଧୁଛି ଅସୁବିଧା କ'ଣ ଯେ ..!! ପ୍ରଦୀପ କହିଲେ ।
ଶାଶୁ କହିଲେ, ଲୋକ କ'ଣ କହିବେ ? ପ୍ରଦୀପର ସ୍ତ୍ରୀ ବାହାଘରକୁ ଛଅ ମାସ ହେଇନି ଡ୍ରେସ ପିନ୍ଧି ବର ସହିତ ଧେଇ ଧେଇ ହେଉଛି । ମିଟୁ ବୋଉ ତା' ବୋହୂକୁ ଆକଟି ରଖିଛି ବୋଲି ତା' ବୋହୂ ମୁଣ୍ଡରେ ହାତେ ଓଢ଼ଣା ଦେଇ ଘରେ ଅଛି କି ନା ! ମିଟୁ ସହିତ କାଁ ଭାଁ କୁଆଡ଼େ ଯାଉଛି। ସଣ୍ଢଣାରେ ରହିବା ଗୋଟେ ମର୍ଯ୍ୟାଦା ।
ଭାରି ମନ ନେଇ ଚୁପ ହୋଇ ଫେରିଗଲା ଝିଅଟି। ସ୍ୱାମୀଙ୍କୁ କହିବି ପାରିବନି ମାଆ ମନା କଲେ ବୋଲି । ମାଆ ପୁଅଙ୍କ ଭିତରେ ମନୋମାଳିନ୍ୟ ହୋଇପାରେ । ଶାଶୁ ଭୁଲ୍ ବୁଝିବେ । ଏଇ ଛଅ ମାସ ଭିତରେ ସେ ଅନେକ ଥର ଶୁଣିଛି ଛୋଟଛୋଟ କଥାକୁ ନେଇ, କେବେ ଆଳୁ ଭଜା ପାଇଁ ଆଳୁ କାଟିଲା ବେଳେ ମୋଟା ହୋଇଯାଇଥିଲା ଯେ ଶାଶୁ କହି ହେଉଥିଲେ ମୋ ପୁଅକୁ ସରୁ ସରୁ ଆଳୁ ଭଜା ଭଲ ଲାଗେ ତା'କୁ ତୁ ଉପାସରେ ରଖିବୁ ଲାଗୁଛି । ଆଉ ଗୋଟେ ଦିନ ରୁଟି ଟିକେ ବେଲୁବେଲୁ ବଙ୍କା ହୋଇଗଲା ଯେ କହିଲେ, ତୁମ ଘରେ କ'ଣ ଏଇମିତି ରୁଟି ବନାନ୍ତି ? କଥା ଅତ୍ୟନ୍ତ ବେଖାପ ଲାଗୁଥିଲା ବୋଲି ଶାଶୁଙ୍କୁ ଅଧିକ ନ କୁହାଇ ପ୍ରଦୀପ କହିଥିଲେ, ମାଆ ରୁଟି ତ ଫୁଲିଲେ ଗଲା ବଙ୍କାରୁ କ'ଣ ମିଳିବ ? ଶାଶୁ ଛିଗୁଲେଇଲେ । ତୁ ତୋ ସ୍ତ୍ରୀ ପଟିଆ କହିବୁନି କ'ଣ ଆଉ ମୋ ପଟିଆ ହେବୁ ? ଖରାପ ଲାଗିଥିଲା ପ୍ରଦୀପଙ୍କୁ । ସବୁଥିରେ ଚୁପ ରହିବା ଠିକ୍ ବୋଲି ଭାବିନେଇଛି ଝିଅଟି ।
–ହେ କ'ଣ ଭାବୁଛ ? ମାଆ କ'ଣ କହିଲା .. ? ତୁମେ ଖାଲି ସବୁକଥାରେ ବେଶି ଟିକେ ହେଉଛ ।
–ନା..ମୁଁ ଶାଢ଼ି ପିନ୍ଧିବି । ମୁଁ ବହୁତ କମ୍ଫର୍ଟେବଲ ଶାଢ଼ିରେ ।
ଆଉ ରଷା ଆରମ୍ଭ ହୋଇଗଲା ସ୍ୱାମୀଙ୍କର ।''ହଁ ମୋ କଥାକୁ କାହିଁକି ରଖିବ ? ବୁଝୁଥିଲା ସ୍ୱାମୀଙ୍କର ଭଲପାଇବା ମିଶା ରାଗକୁ। ତା'କୁ ବି ଇଚ୍ଛା ଥିଲା ସ୍ୱାମୀଙ୍କ କଥା ମାନିବା ପାଇଁ। ହେଲେ ସେ ସଣ୍ଢଣାକୁ ନେଇ ଅସହାୟ । ଛୋଟିଆ କଥାକୁ ନେଇ ଭୁଲ୍ ବୁଝାମଣା ଗୋଟେ ଘରେ ରହୁ ସେ ଚାହେଁ ନାହିଁ ।
–ଘରୁ ଭାରି ଶାଢ଼ିରେ ବୋହୂ ହୋଇ ବାହାରିବା ସମୟରେ ପାଟିତୁଣ୍ଡ ଶୁଭିଲା ପଡ଼ୋଶୀ ମିଟୁ ଘରୁ । ବୁଝୁବୁଝୁ ମିଟୁ ବୋଉର ହାତରନ୍ଧା ବଡ଼ି ବେସରରେ ଟିକେ ଲୁଣ ଅଧିକା ହୋଇଯାଇଛି ବୋଲି ତା' ବୋହୂ ଘରଟାକୁ ଓଲଟ ପାଲଟ କରି ରଖିଛି । ସେତିକି ନୁହେଁ ନିଜ ଓଦାଲୁଗା ସହ ମିଟୁ ବୋଉ କାହିଁକି ଭୁଲି ଯାଇଥିଲେ ବୋହୂର ପାଲଟା ଲୁଗା ଶୁଖେଇବା ପାଇଁ ବୋଲି ଘରେ ନାହିଁ ନଥିବା ପାଟିତୁଣ୍ଡ ।
ଶାଶୁ ଘଟଣାଟିକୁ ଜାଣିଲେ । ଝିଅଟିକୁ ଚାହିଁଲେ । ନୂଆ ସୂର୍ଯ୍ୟଟିଏ ଉଇଁବାର ଚିତ୍ରଟିଏ ଝିଅ ଶାଶୁଙ୍କ ଆଖିରେ ଦେଖୁଥିଲା।

*–ମୋ: ୮୪୩୧୩୦୯୩୦୪, ବାଙ୍ଗାଲୋର*

## ଦୋକାନ

**–ରଶ୍ମି ମହାପାତ୍ର**

**କ**ପେ ଥଣ୍ଡା ଚା
ଏବଂ କିଛି ଅଧା ସମ୍ପର୍କ ମାନଙ୍କ ସହ
ଗୁଲିଗପ ଚାଲିଛି
ବିକ୍ରିବର୍ଦ୍ଧକ ଆଲୋଚନା,

ବିଜ୍ଞାପନ ଦିଆ ସରିଛି
ସତର୍କ ବ୍ୟବସାୟୀ
ଦକ୍ଷ ବିକ୍ରେତା ଲୋଡା
ପ୍ରସ୍ତୁତ ହେଉଛି
ଡାଉନ୍ ଟାଉନ୍ ଶୋ ରୁମ୍,

ଖାଲି ହୃଦୟ
କିଛି ଢିଲା ମାଂସପେଶୀ ;
କିଛି ବାସି ରକ୍ତ
ବିକିବା ପାଇଁ,

ଧୀରେ କାଢ
ଗୋଟି ଗୋଟି
ପାଣି ଫୋଟକା ଭିତରୁ

ଗ୍ରାହକ ଜମା ହେଲେଣି

କାଚ ଜିନିଷ ମୁଣ୍ଡେଇ
ସମୟର ଫଟା ବେଞ୍ଚ ଉପରେ
ଚଢନି ହୋ,

କିଣା ବିକା କ'ଣ କମ୍ କଳା
ପୁଣି ଜୀବନର !

*–ଓଶିୱାରା, ମୁମ୍ବାଇ*
*ମୋ:୯୩୨୪୯୬୮୭୮୯*

## ସୁଖ ଉପପାଦ୍ୟ

**–ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

**ଜୀ**ବନ
ଅଛି ବୋଲି ତ'
ଦୁଃଖ ପାଉଛି
ସୁଖକୁ ଚିହ୍ନିଥିଲେ ବି
ଭେଟ ହୋଇପାରୁନି
ଏଯାଏ ତା'ସହ।


କର୍ମକୁ ଆଦରି ବାଟ ଚାଲଚାଲୁ
ଥକି ପଡିନି ଏଯାଏଁ
ଭୋକକୁ ମାରିମାରି
ଲୁହକୁ ନିଗାଡି
ଅନାଇଁ ରହିଛି
କେବେ ଭେଟ ହେବ
ତା' ସାଥୀରେ।

ଭଲ ଲାଗୁନି କିଛି
ତଥାପି ବି
ସବୁକିଛି କରିବାକୁ ପଡୁଛି
ଜଞ୍ଜାଳ ଭିତରେ ବୁଡିରହି
ଆଶର ସୌଧ ଗଢୁଛ ତ
ଆଗକୁ–
ବଞ୍ଚିବାର ରାହା ଖୋଜୁଛି।

*–ପୁରୁଣା ସହର ନୟାଗଡ*
*ମୋ: ୯୯୩୮୩୦୯୬୫୨*



# ଖୋଜିଲା ଚିଜ ମିଳିଗଲା


ସମ୍ବିତ

**ବେ**ଳେବେଳେ ଖୋଜିବା ଚିଜ ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ତା'ର ସଫଳତା ପାଇଁ କେମିତି ଦିନରାତି ଏକାଠି କରିଦେଇଥିଲେ ସମ୍ବିତ। ହଁ, ଏହି ଫିଲ୍ମଟିର ଟାଇଟଲ ହେଉଛି 'ହେ ରାମ : କର୍ମ ହିଁ ଧର୍ମ'। ବିଜୟ କାଣ୍ଡୋଇଙ୍କ ପ୍ରଯୋଜନାରେ ନିର୍ମାଣାଧୀନ ଏହି ଫିଲ୍ମରେ ସମ୍ବିତଙ୍କୁ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ମିଳିବ। କେବଳ ସେତିକି ନୁହେଁ, ଏହି ଫିଲ୍ମଟିର ସଫଳତାକୁ ନେଇ ସେ ଏବେ ଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏ ସମ୍ପର୍କରେ ସମ୍ବିତ କହନ୍ତି, 'ଏହି ଫିଲ୍ମଟି ମୋତେ ବେଶ୍ ମାଇଲେଜ ଦେବ ବୋଲି ଆଶା ରଖିଛି। ମୋ ଅଭିନୀତ ସିନେମାଗୁଡିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ବିଶେଷଭାବରେ ଏଥିରେ ମୋ ଭୂମିକା ସମ୍ପୂର୍ଣ୍ଣ ଭିନ୍ନ।' ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଆଲୀନ ଅଙ୍କିତା ଏବଂ ଅନ୍ୟ ଭୂମିକାରେ ପପି ସନ୍ତୁକା, ଗୁଡୁ, ଜଗନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି।

# କେବଳ ଟେନସନ୍


ଭୂମି

**ଭୂ**ମି ପେଦନେକରଙ୍କର ଟେନସନ ବଢ଼ିଯାଇଛି। ତାହାର କାରଣ କ'ଣ ଜାଣନ୍ତି ? ଏବେ ସେ ଲଙ୍ଗ ଭାକେଶନରେ ମାଲେସିଆ ଯାଇଛନ୍ତି। ସେଠାରେ କେତୋଟି ବିକିନି ପିନ୍ଧା ଫଟୋ ସୁଟ୍ କରିଥିଲେ। ବାସ୍, ତା'ପରେ ତାଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡେ ସାଇନ୍ କରିଥିବା ଏକ ଅନଟାଇଟଲଡ ଫିଲ୍ମରେ ଏଭଳି ଗେଟ୍‌ଅପରେ ଦେଖାଦେବେ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ କେତୋଟି ବୋଲ୍ଡ ଶଟ୍ ମଧ ଦେବେ। ଆଉ ଏସବୁ କଥା ଯେତେବେଳେ ତାଙ୍କ କାନରେ ପଡିଲା ସେ ବା କେମିତି ଚୁପ୍ ହୋଇ ବସିରହନ୍ତେ କହୁନାହାନ୍ତି ? କିଛି ଦିନ ନୀରବ ରହିବା ପରେ ଏବେ ସେ ମୁହଁ ଖୋଲିଛନ୍ତି। ବିକିନି ଫଟୋ ଶୁଟ୍ ବିଷୟରେ ସଫେଇ ଦେଇ ଭୂମି କହନ୍ତି, 'ଏଭଳି ଫଟୋ ସୁଟ୍ ପଛରେ ସେମିତି କିଛି ସ୍ପେଶାଲ କାରଣ ନାହିଁ। ଏକଥା ସତ ଯେ, ମୁଁ ନିକଟରେ ଏକ ନୂଆ ଫିଲ୍ମ ସାଇନ୍ କରିଛି। ହେଲେ ସେଥିରେ ମୁଁ ବିକିନି ପିନ୍ଧିବା ବ୍ୟତୀତ କେତୋଟି ବୋଲ୍ଡ ଶଟ୍ ଦେବି ବୋଲି ଯାହା ଆଲୋଚନା ହେଉଛି ତା'ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ଏଭଳି କଥାକୁ କେହି ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି।' ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ଭକ୍ଷକ' ଚଳିତ ବର୍ଷ ଓଟିଟି ପ୍ଲାଟଫର୍ମରେ ରିଲିଜ ହେବ। ଏହାବ୍ୟତୀତ 'ଦଲାଲ୍' ଟାଇଟଲ ବିଶିଷ୍ଟ ଏକ ସିନେମାରେ ବି ସେ ଅଭିନୟ କରୁଛନ୍ତି।


ତ୍ରିପ୍ତି


# ଚିନ୍ତା କରୁଛନ୍ତି ପରିଣିତୀ


ପରିଣିତୀ

**ପ**ରିଣିତୀ ଚୋପ୍ରା ଘର ସଂସାର କରିବା ପରେ ପ୍ରାୟ ଅଭିନୟ ଠାରୁ ଦୂରେଇ ଯାଇଛନ୍ତି। ଏବେ ସେ ଏକ ନୂଆ ଯୋଜନା ପ୍ରସ୍ତୁତ କରିବାରେ ବ୍ୟସ୍ତ ଅଛନ୍ତି। ଖୁବ୍ ଶୀଘ୍ର ସେ ଓଟିଟି ପ୍ଲାଟଫର୍ମରେ ପାଦ ଦେବେ ବୋଲି ଜଣାପଡିଛି। ବର୍ତ୍ତମାନ ଏହି ପ୍ଲାଟଫର୍ମର ଚାହିଦା କାହିଁରେ କେତେ। ତେଣୁ ଦର୍ଶକଙ୍କ ନିକଟତର ହୋଇ ରହିବାର ଏହା ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ନିଜର ଏଭଳି ଯୋଜନା ବିଷୟରେ ପରିଣିତୀ କହନ୍ତି, 'ଓଟିଟି ପ୍ଲାଟଫର୍ମର ଚାହିଦାକୁ ଦେଖି ମୁଁ କେତୋଟି ୱେବ୍ ସିରିଜ ନିର୍ମାଣ କରିବାକୁ ଯୋଜନା କରୁଛି। ଯେହେତୁ ଏ ନେଇ ସବୁ କାମ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି, ତେଣୁ ଏହି ବିଷୟରେ ସବିଶେଷ ବିବରଣୀ ଏବେ ଦେଇହେବ ନାହିଁ। କାମଟି ଚୁଡାନ୍ତ ରୂପରେଖ ନେବା ପରେ ହିଁ ମୁଁ ମୋ ପଟରୁ ଏ ସମ୍ପର୍କରେ ଜଣାଇ ଦେବି। କେବଳ ସେତିକି ନୁହେଁ, କେତୋଟି ୱେବ୍ ସିରିଜ୍‌ରେ ନିଜେ ଅଭିନୟ କରିବାର ଯୋଜନା ରହିଛି।' ଅନ୍ୟପକ୍ଷରେ ପରିଣିତୀ ଚୋପ୍ରା ଏବଂ ଅନ୍ୟତମ ଲୋକପ୍ରିୟ ଗାୟକ ଦିଲଜିତ ସିଂ ଦୋସାଞ୍ଜଙ୍କ ଅଭିନୀତ 'ଅମର ସିଂ ଚମକିଲା' ଓଟିଟି ପ୍ଲାଟଫର୍ମରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ପରିଣିତୀ। ବିଶିଷ୍ଟ ପପ୍ ଷ୍ଟାର ଅମର ସିଂ ଚମକିଲାଙ୍କ ଜୀବନୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଇମତିୟାଜ ଅଲ୍ଲୀ।

# ତ୍ରିପ୍ତିଙ୍କ ଖୁସି

**'ଆ**ନିମଲ୍' ସୁପରହିଟ୍ ହେବା ପରେ ତ୍ରିପ୍ତି ଡିମରି ଏବେ ନିଜ କ୍ୟାରିୟରକୁ ନେଇ ବେଶ୍ ସଚେତନ। ବର୍ତ୍ତମାନ ତାଙ୍କୁ ସାଇନ୍ କରାଇବାକୁ କେତେକ ପ୍ରଯୋଜକ ଇଚ୍ଛା ପ୍ରକାଶ କଲେଣି। ସେପଟେ 'ଭୁଲ ଭୁଲୈୟା-୩'ର କାଷ୍ଟିଂରେ ତାଙ୍କୁ ସାମିଲ କରାଯାଇଛି। ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। ଉକ୍ତ ସିକ୍ୱେଲ୍‌ରେ ତାଙ୍କ ବ୍ୟତୀତ କାର୍ତ୍ତିକ ଆର୍ଯ୍ୟନ, ବିଦ୍ୟା ବାଲାନ୍ ଏବଂ ମାଧୁରୀ ଦିକ୍ଷୀତ ମଧ ଅଭିନୟ କରିବେ। ଏ ବିଷୟରେ ତ୍ରିପ୍ତି କହନ୍ତି, "ଯେତେବେଳେ ମୋତେ ଏହି ଅଫର ମିଳିଲା ସେତେବେଳେ ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। କାରଣ ବିଦ୍ୟା ବାଲାନ ଏବଂ ମାଧୁରୀ ଦିକ୍ଷୀତଙ୍କ ଭଳି ନାମୀ ଅଭିନେତ୍ରୀଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ବର୍ତ୍ତମାନ ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଆଶା ରଖିଛି, 'ଭୁଲ ଭୁଲୈୟା-୩' ମୋ କ୍ୟାରିୟରକୁ ନୂଆ ମାଇଲେଜ ଦେବ।" ଉକ୍ତ ସିନେମାର ନିର୍ଦ୍ଦେଶନା ଦେବେ ଆନୀସ ବାଜ୍‌ମୀ। ଏଥିରେ ନାସିରୁଦ୍ଦିନ ଶାହା, ବୋମନ ଇରାନୀ, ରାଜପାଲ ଯାଦବ, ମାୟା ଅଲଘ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ତ୍ରିପ୍ତିଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୭ରୁ ଆଉ ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ମମ୍'। ତା'ପରେ ସେ 'ପୋଷ୍ଟରବୟ', 'ଲୈଲା ମଜ୍‌ନୁ', 'ବୁଲବୁଲ୍' ଏବଂ 'କୋଏଲା' ଫିଲ୍ମରେ ଅଭିନୟ କରିସାରିଛନ୍ତି।


ଆର୍ଯ୍ୟନ

# କଟ୍-ଓକେ କହିବେ ଆର୍ଯ୍ୟନ

**ଆ**ଉ ଜଣେ ଷ୍ଟାର କିଡ୍‌ଙ୍କୁ ନେଇ ଏବେ ଚର୍ଚ୍ଚା। ସେ ହେଲେ ଶାହରୁଖଙ୍କ ପୁତ୍ର ଆର୍ଯ୍ୟନ ଖାଁ। ସେ ଖୁବ୍ ଶୀଘ୍ର ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ହେଲେ ବଡ ପରଦାରେ ନୁହେଁ, ପ୍ରଥମେ ସେ କେତୋଟି ୱେବ୍ ସିରିଜ୍‌ର ନିର୍ଦ୍ଦେଶନା ଦେବେ। ବର୍ତ୍ତମାନ ଏଗୁଡିକର ପ୍ରାରମ୍ଭିକ କାମ ଚାଲୁ ରହିଛି। ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ପ୍ରଥମ ୱେବ୍ ସିରିଜ୍‌ର ଟାଇଟଲ ରହିଛି 'ଷ୍ଟାରଡମ୍'। ଏ ନେଇ ସେ କହନ୍ତି, 'ମୁଁ ଜାଣିଛି, ନିର୍ଦ୍ଦେଶନା ଦେବା ଛୋଟିଆ କଥା ନୁହେଁ। ତଥାପି ନିଜ ଜ୍ଞାନକୁ ପାଥେୟ କରି ଏହି କାମକୁ ତୁଲାଇବି। ମୋ ନିର୍ଦ୍ଦେଶନାରେ ଏବେ ୱେବ୍ ସିରିଜ୍ 'ଷ୍ଟାର୍‌ଡମ୍'ର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ। ଏହାର ପ୍ରାରମ୍ଭିକ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାପରେ ଆଉ କେତୋଟି ୱେବ୍ ସିରିଜ ନିର୍ମାଣ କରିବାର ଯୋଜନା ରହିଛି। ବଡ ପରଦାରେ ନିର୍ଦ୍ଦେଶନା ଦେବା କଥା ଏ ପର୍ଯ୍ୟନ୍ତ ଚିନ୍ତା କରିନି। ବର୍ତ୍ତମାନ ଯେଉଁ କାମ ଆରମ୍ଭ କରିଛି ତାହାକୁ ସୁଚାରୁ ରୂପେ ତୁଲାଇବା ହିଁ ମୋର ପ୍ରଥମ କର୍ତ୍ତବ୍ୟ।' 'ଷ୍ଟାରଡମ୍' ସରିଜ୍‌ରେ କେତେକ ବଲିଉଡ୍ ସେଲିବ୍ରିଟିଙ୍କୁ ଦେଖିବାକୁ ମିଳିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଆର୍ଯ୍ୟନଙ୍କ ୱେବ ସିରିଜ୍‌ରେ କି ମସଲା ରହିଛି ତାହା ଏହାର ଷ୍ଟ୍ରିମିଙ୍ଗ ପରେ ହିଁ ଜଣାପଡିବ।

# କିଆରାଙ୍କ ଖୁସି

**କି**ଆରା ଆଡୱାନି ଏବେ ଗୋଟିଏ କଥାକୁ ଜପାମାଳି କରିଛନ୍ତି କହିଲେ ଆଦୌ ଭୁଲ ହେବ ନାହିଁ। ହେଲେ କଥାଟି ଏମିତି କ'ଣ କି ? ହଁ, ଯୁଆଡେ ଗଲେ ଗେମ୍ ଚେଞ୍ଜର ବିଷୟରେ ବଖାଣୁଛନ୍ତି। ତା'ସହ ରାମ ଚରଣଙ୍କ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। ଅସଲ କଥା ହେଲା, ନୂଆ ତାମିଲ ସିନେମା 'ଗେମ୍ ଚେଞ୍ଜର'ରେ ସେ ରାମ ଚରଣଙ୍କ ନାୟିକା ସାଜିଛନ୍ତି। ପୁଣି ପ୍ରଥମ ଥର ପାଇଁ ସେ ତାଙ୍କ ସହ ସ୍କ୍ରିନ୍ ସେୟାର କରିବେ। ତେଣୁ କିଆରାଙ୍କ ଖୁସି ବନ୍ଧବାଡ ମାନୁନି। ଏଭଳି ଅଫର ବିଷୟରେ ସେ କହନ୍ତି, 'ମୁଁ ପ୍ରଥମ ଥର ପାଇଁ ରାମ ଚରଣଙ୍କ ସହ ଅଭିନୟ କରିବାକୁ ଯାଉଛି। ଆଉ ସେ ଜଣେ ଭାରି ପପୁଲାର ଅଭିନେତା। ତାଙ୍କଠାରୁ ଅନେକ କିଛି ଶିଖିବାର ଅଛି। ରାମ ଚରଣ ଅଭିନୟ କରିଥିବା ଅନେକ ସିନେମା ଦେଖିଛି। ଆଉ ଏବେ ତାଙ୍କ ସହ ଅଭିନୟ କରିବି। ଫିଲ୍ମଟିର ଟାଇଟଲ ରହିଛି 'ଗେମ୍ ଚେଞ୍ଜର'। ଏହି ଫିଲ୍ମଟିର କାହାଣୀରେ ଭିନ୍ନତା ରହିଛି। ଏଥିରେ ଆମ ଯୋଡିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଏସ. ଶଙ୍କର। ଏହାର ପ୍ରଯୋଜନା କରିଛନ୍ତି ଦିଲ୍ ରାଜୁ ଏବଂ ଶିରିଶ। ତେବେ ପ୍ରାୟ ୪୦୦ କୋଟି ବଜେଟ୍‌ରେ ନିର୍ମିତ ହେଉଥିବା ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିବ ତାହା ଦେଖିବାକୁ ବାକି ରହିଲା।


କିଆରା

# ପ୍ରଥମ ରୋଜଗାର ଥିଲା ୮୦ ଟଙ୍କା

ପ୍ରଥମ ରୋଜଗାର



କବି ତଥା ଶିକ୍ଷାବିତ୍ **ଗୋପୀନାଥ ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଖୋ**ର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ କୁଶଡିହ ଗାଁରେ ମୋ ଜନ୍ମ। ଘରର ବଡ଼ ପୁଅ ହୋଇଥିବାରୁ ବହୁତ ଗେହ୍ଲାରେ ବଢୁଥିଲି। ହେଲେ ୧୯୮୫ ମସିହାରେ ହଠାତ୍ ସବୁକିଛି ବଦଳିଗଲା। ମୋ ନାବାଳକ ମଥାରେ ସମଗ୍ର ସଂସାରର ବୋଝ ଲଦି ଦେଇ ମୋର ପାଲାଗାୟକ ପିତା ଭିକାରିଚରଣ ଦାଶ ଅକାଳରେ ଚାଲିଗଲେ ଆରପାରିକୁ। ପିତାଙ୍କର ମହାପ୍ରୟାଣ ବେଳକୁ ଆମର ବାଇଶମାଣ ଜମି ଓ ସାତପୁରୁଷର ଘର ବିକ୍ରି ସରିଥିଲା। ମୁଁ ସେତେବେଳକୁ ଆଇ.ଏ ଶ୍ରେଣୀର ଶେଷବର୍ଷର ଛାତ୍ର। ଘରର ବଡ଼ ପୁଅ ଭାବରେ ଗୋଟେ ଚିଙ୍ଗୁଡ଼ି ମାଛର କୁଟୁମ୍ବ ପାଳିବା ଦାୟିତ୍ୱ ମୋ ଉପରେ ପଡିଲା। ମୋ ତଳେ ତିନି ଭାଇ, ଦୁଇ ଭଉଣୀ। ସେମାନେ ବଢିବେ, ପଢିବେ। ସେମାନଙ୍କ ଅଳିଅର୍ଦ୍ଦଳି, ମାନ ଅଭିମାନ ସାଙ୍ଗକୁ ନିଆଶ୍ରୀ ବିଧବା ବୋଉର ଲୁହ ଡବଡବ ଆଖିର ଅସହାୟତା ମୋତେ ଅଥୟ କଲା। କଅଁଳ ବୟସରେ ମୋତେ ଜୀବନ ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ପଡିଲା। କେବେ ମୂଲିଆ ଭାବରେ ୧୫ ଟଙ୍କା ପାଇଁ ଖଟିଛି ତ କେବେ ଛୋଟଛୋଟ ପିଲାଙ୍କୁ ପାଠ ପଢେଇ କିଛି ଅର୍ଥ ରୋଜଗାର କରିଛି। ତାଳିପକା ପ୍ୟାଣ୍ଟସାର୍ଟ ଓ ଛିଣ୍ଡାଚପଲରେ ଅନେକ ଦିନ ବିତିଛି। ମୋର ପ୍ରଥମ ରୋଜଗାର ଥିଲା ୮୦ ଟଙ୍କା। ଦୁଇଟି ପିଲାଙ୍କୁ ଟ୍ୟୁଶନ କରିଥିବାରୁ ଏହା ଥିଲା ମୋର ପ୍ରଥମ ମାସର ପାରିଶ୍ରମିକ; ଯେଉଁଥିରେ ଚାଉଳ, ପରିବା କିଣି ଘରକୁ ଆଣିଥିଲି। ସମୟକ୍ରମେ ମୁଁ ଶିକ୍ଷକତା ତାଲିମ୍ ନେଲି। ଆଉ ଏବେ ଶିକ୍ଷକ ଭାବରେ କିଛି ପାରିଶ୍ରମିକ ପାଉଛି। ହେଲେ ସେଇ ପ୍ରଥମ ରୋଜଗାରର ଅପାସୋରା ସ୍ମୃତି ବେଳେବେଳେ ମୋ ଆଖିରେ ଲୁହ ଭରିଦିଏ। ଶିକ୍ଷକତା ବ୍ୟତିତ କବିତା, ଗପ ଲେଖିବାର ଝୁଙ୍କ୍ ଥିଲା ବୋଲି ୟା' ଭିତରେ 'ଦୁଃଖ ଅପ୍ରମିତ', 'ମାଟିର ମୋହ' ଶୀର୍ଷକ କବିତା ପୁସ୍ତକ 'ନିଷିଦ୍ଧାଞ୍ଚଳ', ଅବସନ୍ନ ଅପରାହ୍ଣ', 'ଅସରନ୍ତି ଅଶ୍ରୁଧାରା' ଶୀର୍ଷକ ଗଳ୍ପ ପୁସ୍ତକ ଏବଂ 'ସ୍ମୃତିସିକ୍ତ ସୋଲରି' ଶୀର୍ଷକ ପ୍ରବନ୍ଧ ପୁସ୍ତକ ମୋର ପ୍ରକାଶ ପାଇସାରିଛି। ସେହିପରି ମୋର କେତେକ କବିତା ଆକାଶବାଣୀ କଟକ କେନ୍ଦ୍ରରେ ମଧ୍ୟ ପ୍ରସାରିତ ହୋଇଛି। ତା'ସହିତ 'ସପ୍ତଫେଣୀ' ନାମକ ଏକ ସାହିତ୍ୟ ପ୍ରତିକାର ସମ୍ପାଦକ ଦାୟିତ୍ୱ ମଧ୍ୟ ମୁଁ ତୁଲାଉଅଛି। ହେଲେ ଏବେ ମଧ୍ୟ ଯେଉଁ କଥାଟି ମୋ ସ୍ମୃତିରେ ଜୀବନ୍ତ ହୋଇ ରହିଛି, ସେ କଥାଟିକୁ ଏଠାରେ ପ୍ରକାଶ ନ କଲେ ମୁଁ କୃତଘ୍ନ ହୋଇଯିବି। ନୂଆ ନୂଆ ଗପ ଲେଖୁଥିବା ମୋ ଭଳି ଏକ ଅର୍ବାଚୀନ ତରୁଣର ଲେଖା ଯେତେବେଳେ କେହି ପ୍ରକାଶ କରୁ ନଥିଲେ, ସେତେବେଳେ ମୋ ଗପ 'ଦୀପଜଳୁଛି' ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇଥିଲା ଏବଂ ଡାକ ଯୋଗେ ତା'ର ଲେଖକୀୟ ପ୍ରତିଲିପି ପାଇଥିଲି। ସେ ମୁହୂର୍ତ୍ତର ଆନନ୍ଦ ସତରେ ଅବର୍ଣ୍ଣନୀୟ।

# ମନମୋହିନୀ, ସୁନାହରିଣୀ, ଚାହାଣୀ କହୁଛି ପ୍ରେମ କାହାଣୀ



ସାଥୀ

**ପ୍ରଶ୍ନ**–ସେ ମୋ ସ୍ୱପ୍ନ ସୁନ୍ଦରୀ। ତା'ସହ ଯେତେବେଳେ ପ୍ରଥମ ଥର ଭେଟ ହେଲା, ଏକାଥରେ ତା' ମାୟାରେ ମୁଁ ପଡିଗଲି। ହେଲେ ସେ ମୋତେ ଏବେ ଦେଖିଲେ କେବଳ ହସୁଛି, କିଛି କହୁନି। ସେ ମୋତେ ସତରେ ଭଲ ପାଉଛି ତ ? *–ଅମନ, ଖୋର୍ଦ୍ଧା*

**ଉତ୍ତର:** ପ୍ରେମ ଏପରି ଏକ ନିଶା ଯାହା ମନକୁ ଥରେ କବଳିତ କଲେ ସେହି ନିଶା ସହଜରେ ଖସେ ନାହିଁ। ଦେଖୁନାହାନ୍ତି, କେମିତି ପ୍ରଥମ ଦେଖାରେ ସେହି ସୁନ୍ଦରୀ ନିକଟରେ ଆପଣଙ୍କ ରଙ୍ଗୀଲା ମନ ବନ୍ଧା ପଡିଯାଇଛି। ଉଲ୍ଲେଖ କରିଛନ୍ତି ଯେ, ଏବେ ସେ କିଛି କହୁନି, କେବଳ ହସି ଦେଉଛି। ବାସ୍, ଏଥିରୁ ଗୋଟିଏ କଥା ଧରିନିଅନ୍ତୁ– 'ମନମୋହିନୀ, ସୁନାହରିଣୀ, ଚାହାଣୀ କହୁଛି ପ୍ରେମ କାହାଣୀ'। କେବଳ ମଗଜ ଖଟାଇ ସେହି ହସରେ ଲୁଚି ରହିଥିବା ତା' ମନ କଥାକୁ ଭଲ ଭାବରେ ପଢ଼ନ୍ତୁ। ଯଦି ଦୁଇ ପଟରୁ ପାଣିପାଗ ଠିକ୍ ଅଛି ତେବେ ବିଳମ୍ବ ନ କରି ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ। ଏମିତି ବି ହୋଇପାରେ, ସେ ହସି ଦେଇ ତା' ହସର ଉତ୍ତରକୁ ଆପଣଙ୍କଠାରୁ ଅପେକ୍ଷା କରିଛି। ତେଣୁ ସମୟ ନଷ୍ଟ ନ କରି ପାଦ ଆଗକୁ ବଢ଼ାଇବା ହିଁ ଠିକ୍ ହେବ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି। ଏବେ ତାକୁ ଦେଖିଲେ ମୋତେ ଲାଗୁଛି ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି। ତା' ସହ ପୁଣି ଥରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ? *–ସୁମନ, ଅନୁଗୋଳ*

**ଉତ୍ତର:**ଦୁଇ ବର୍ଷର ଗ୍ୟାପ୍ ପରେ ସେହି ପୁରୁଣା ପ୍ରେମିକାକୁ ଦେଖିଲା ବେଳକୁ ଆପଣଙ୍କ ଦିଲ୍‌ର ଧଡକନ୍ ବଢୁଛି। ହୁଏତ ତା' ଆଡକୁ ପୁଣି ଥରେ ଢ଼ଳିବାକୁ ଆପଣ ମନସ୍ଥ କରିସାରିଲେଣି। ହେଲେ ସେ ଆପଣଙ୍କୁ ଧୋକା ଦେଇ ଚାଲିଯାଇଥିଲା। ତାକୁ ପୁଣି ଥରେ ବିଶ୍ୱାସ ପରିସରକୁ ନେବା କେତେଦୂର ଯୁକ୍ତିଯୁକ୍ତ ତାହା ଭଲ ଭାବରେ ତର୍ଜମା କରନ୍ତୁ। ପୁଣି ଥରେ ତା'ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ଯଦି ପୁଣି ଥରେ ଧୋକା ଖାଇଲେ ସେତେବେଳର ପରିସ୍ଥିତିକୁ ସାମନା କରିପାରିବେ ତ ? ଆଉ ଗୋଟିଏ କଥା। ତାକୁ ଦେଖିଲେ ଆପଣ ପୁଣି ଥରେ ଲଭ୍ ଗେମ୍ ଆରମ୍ଭ କରିବାକୁ ଚାହୁଁଛନ୍ତି। ତାହାର ଏ ନେଇ ସମ୍ମତି ଅଛି ତ ? ଯଦି ଦ୍ୱିତୀୟ ଥର ପ୍ରେମରେ ବିଶ୍ୱାସ ଦୃଢ଼ ରହିଲା ଭଲ କଥା। ହେଲେ ପୁଣି ଥରେ ଯଦି ସେ ଚଢ଼େଇ ଉଡିଗଲା, ତେବେ ! ଏପରି ସମୟରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ ସେ ଫେରି ଆସିବ। ହେଲେ ଦିନ ପରେ ଦିନ ଗଡି ଚାଲିଛି। ଅପେକ୍ଷା କରି କରି ମୁଁ ଧୈର୍ଯ୍ୟହରା ହୋଇଗଲିଣି। ସେହି ଚାନ୍ଦିନୀ ରାତି ଅଛି ହେଲେ ମୋ ମନର ସାଥୀ ନାହିଁ। କ'ଣ କରିବି ?

*–ଅଭିଜିତ ପୁହାଣ, ତାଳଚେର*

**ଉତ୍ତର:** ଆପଣଙ୍କ ପ୍ରେମିକା ଆପଣଙ୍କୁ କଥା ଦେଇ ଯାଇଛି ଯେ ସେ ଫେରି ଆସିବ। ସମୟ ତା' ବାଟରେ ଗଡି ଚାଲିଛି, ପ୍ରତୀକ୍ଷାର ଅନ୍ତ ହେଉନାହିଁ କି ଆପଣଙ୍କ ମନର ମାନସୀ ଆସୁନାହିଁ। ସତରେ, ବଡ ପ୍ୟାଥେଟିକ୍ ! ସବୁଠାରୁ ବଡ କଥା, ଆପଣ ଧୈର୍ଯ୍ୟର ସହ ତାକୁ ଅପେକ୍ଷା କରିଛନ୍ତି। ହେଲେ ସବୁ ଅପେକ୍ଷାର ସୀମା ଥାଏ। ହୁଏତ ଏମିତି ବି ହୋଇପାରେ ସେ ଆଉ କାହା ମନରେ ଘର କରି ସାରିଲାଣି। କଥାରେ ଅଛି– ଅପେକ୍ଷାର ଫଳ ମିଠା। ହେଲେ ସବୁ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ତେଣୁ ତାକୁ ଆହୁରି ଅପେକ୍ଷା କରିବେ ନା ସେପରି ପ୍ରେମର ଯବନିକା ଟାଣି ଦେବେ ତାହା ନିଜ ଉପରେ ନିର୍ଭର କରେ।

# ହରିରାଜପୁର ଦୋଳ ମେଳଣ





ଓଡ଼ିଶା ଦୋଳମେଳଣ ଇତିହାସରେ ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅଧୀନ ହରିରାଜପୁର ପଞ୍ଚଦୋଳ ମେଳଣର ଆକର୍ଷଣୀୟ ଆତସବାଜି ପାଇଁ ସ୍ୱତନ୍ତ୍ର ପରିଚୟ ରହିଛି। ମେଳଣର ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ନିକଟରେ ଶ୍ରଦ୍ଧାଳୁମାନେ ମାନସିକ ପୂରଣ ନିମନ୍ତେ ବାଣ ଫୁଟାଇବା ପାଇଁ ଏଠାକୁ ଆସିଥାନ୍ତି। ଜନଶ୍ରୁତିରୁ ଜଣାପଡ଼େ ଗଜପତି ମହାରାଜ ପ୍ରତାପରୁଦ୍ର ଦେବଙ୍କ ସମୟରୁ ବାବା ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ନିର୍ମାଣ ହୋଇଥିବା ବେଳେ ସେବେଠାରୁ ହରିରାଜପୁର ମେଳଣ ଆରମ୍ଭ ହୋଇଥିଲା।

**ମେଳଣ ଆରମ୍ଭର ଇତିହାସ–** ଜନଶ୍ରୁତି ଅନୁଯାୟୀ ଗଜପତି ମହାରାଜା ନରସିଂହ ଦେବଙ୍କ ରାଜତ୍ୱ ସମୟରେ ୧୬୩୬ ମସିହା ଚୈତ୍ର ମାସ ଶୁକ୍ଳପକ୍ଷରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବସନ୍ତରାସ(ନୂତନ ରଥଯାତ୍ରା) ଅନୁଷ୍ଠିତ ହୋଇଥିଲା। ସେତେବେଳେ ହରିରାଜପୁର ଗ୍ରାମର ବାବାଜି ଗୋବର୍ଦ୍ଧନ ଦାଶ ଓ ନିତେଇ ସାହୁ(ଖରୁଡ଼ା) ପୁରୀରୁ ବସନ୍ତରାସ, ରଥଯାତ୍ରା ଦେଖି ଫେରିବା ବାଟରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପୁରୀ ରଥଯାତ୍ରା ପରି ପଞ୍ଚଦୋଳ ମେଳଣ କରିବା ପାଇଁ ମନସ୍ଥ କରିଥିଲେ। ଗ୍ରାମର ମୁଖିଆମାନଙ୍କୁ ଡାକି ଏବଂ ଗୋବର୍ଦ୍ଧନ ଓ ନିତେଇ ତାଙ୍କ ପାଖରେ ଥିବା ଏକ ଟଙ୍କା ଚାରିଅଣା ପଇସାରେ ଛୋଟ ଛୋଟ ଆଟିକା କିଣି ଗ୍ରାମକୁ ଫେରିଥିଲେ। ଆଟିକାଗୁଡିକୁ ହରିରାଜପୁର ଗ୍ରାମର ସମସ୍ତଙ୍କ ଘରେ ଦେଇଥିଲେ ଓ ପ୍ରତିଦିନ ଗ୍ରାମବାସୀ ରୋଷେଇ କରିବା ପୂର୍ବରୁ ଉକ୍ତ ଆଟିକାରେ ମୁଠାଏ ଲେଖାଏ ଚାଉଳ ପକାଇବାକୁ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କଠାରୁ ସଂଗୃହୀତ ଏହି ମୁଠିଚାଉଳକୁ ବିକି ଯେଉଁ ଅର୍ଥ ବା ଟଙ୍କା ସଂଗ୍ରହ ହୋଇଥିଲା ସେହି ଟଙ୍କାରେ ୧୬୩୭ ଚୈତ୍ର କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚଦୋଳ ମେଳଣ ଆରମ୍ଭ ହୋଇଥିବା ଜଣାଯାଏ। ଏହି ପଞ୍ଚଦୋଳ ମେଳଣରେ ହରିରାଜପୁରର ଚାରି ପାଖେ ରହିଥିବା ରାଜ ପ୍ରତିଷ୍ଠିତ ଠାକୁର ଯଥା ହରିରାଜପୁରର ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ, ବୁଢ଼ାପଡାର ଶ୍ରୀ ଶ୍ରୀ ସୋମନାଥ ଦେବ, ଭସରର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, କନ୍ତିଆର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ଏବଂ ଛଣଘରର ଶ୍ରୀ ଶ୍ରୀ ଗତିଶ୍ୱର ଦେବଙ୍କୁ ନେଇ ପ୍ରଥମେ ଏଠାରେ ପଞ୍ଚଦୋଳ ମେଳଣ ଆରମ୍ଭ ହୋଇଥିଲା। କାଳକ୍ରମେ ଏହି ମେଳଣରେ ହରିରାଜପୁର ନିକଟବର୍ତ୍ତୀ ଅଞ୍ଚଳର ୭୭ ଗ୍ରାମର ଠାକୁର ପଞ୍ଚଦୋଳ ମେଳଣରେ ସାମିଲ ହେଲେ। ଏହି ମେଳଣର ଠାକୁର ଜମିଲା ରାତିରେ ମେଳଣର ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ବିଜେ ପ୍ରତିମା ମଧ୍ୟରାତ୍ରିରେ ମନ୍ଦିରରୁ ବାହାରି ଏକ ସୁସଜ୍ଜିତ ବିମାନରେ ବିରାଜିତ ହୋଇ ପଶ୍ଚିମଦ୍ୱାର ଦେଇ ମେଳଣ ପଡିଆ ଅଭିମୁଖେ ବାହାରନ୍ତି। ଠାକୁର ଜମାଣ ରାତିରେ ମାନସିକଧାରୀ ଭକ୍ତମାନଙ୍କ ପକ୍ଷରୁ ରାତି ତମାମ ଆତସବାଜି ପ୍ରଦର୍ଶନ କରାଯାଇଥାଏ। ଆତସବାଜି ଦେଖିବା ପାଇଁ ମେଳଣ ପଡିଆରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ବିଜେ ପ୍ରତିମା ବିରାଟ ପଟୁଆରରେ ବିମାନରେ ଯାଇ ଜମିଲା ରାତିର ଭୋରୁ ଭୋରୁ ମେଳଣ ପଡିଆରେ ପହଞ୍ଚିଥାନ୍ତି। ଠାକୁରଙ୍କ ଜମିଲା ରାତିରେ ସୋମନାଥ ଦେବଙ୍କ ନିକଟରେ ପାଚିଲା ପଣସ ଭୋଗ ଲାଗି ହେବାର ଏକ ଅନନ୍ୟ ପରମ୍ପରା ରହିଛି। ଠାକୁରଙ୍କର ସ୍ୱତନ୍ତ୍ର ପୂଜା ନୀତି ସହ ହୋମ ଅନୁଷ୍ଠିତ ହୋଇଥାଏ। ପରେ ଅଧରପଣା ଭୋଗ ଲାଗି ହେବା ଏବଂ ଅଧରପଣାକୁ ମେଳଣ ପଡିଆ ବାହାରେ ଅଭ୍ୟାଗତ ଦିଆଯାଇଥାଏ। ପ୍ରତି ବର୍ଷ ମେଳଣ ପରିଚାଳନା ପରିଷଦ ଏବଂ ହରିରାଜପୁର ଗ୍ରାମବାସୀଙ୍କ ପକ୍ଷରୁ ଏହି ମେଳଣ କାର୍ଯ୍ୟ ହୋଇଆସୁଛି। –**ରବୀନ୍ଦ୍ରନାଥ ମହାକୁଡ଼**

# ଦୋଳଯାତ୍ରାରେ ହୁଏ ଗାଁ ବିବାଦ ସମାଧାନ

**ବ**ସନ୍ତ ଋତୁର ବଡ଼ ପର୍ବ ଦୋଳଯାତ୍ରା। ଏହି ଅବସରରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଅନୁଷ୍ଠିତ ହୋଇଥାଏ ପଞ୍ଚୁଦୋଳ ଯାତ୍ରା। ଯାହା ବହୁ ପୁରାତନ। ପ୍ରଥମେ ମାଲୁଦର ଦଧିବାମନ ଦେବ, ବଜ୍ରକୋଟର କୁଞ୍ଜବିହାରୀ, ମଲେଶ୍ୱରୀର ଗୋପୀନାଥ ଦେବ ଓ ପାଇକରାପୁର ଗ୍ରାମର ଗୋପୀନାଥ ଦେବଙ୍କୁ ନେଇ ମାଲୁଦରେ ଯାତ୍ରା ଆରମ୍ଭ ହୋଇଥିଲା। ଏଠାରେ ୪ ଠାକୁରଙ୍କଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ପ୍ରାୟ ୨୩ ଠାକୁରଙ୍କ ମହାମିଳନ ହୋଇଥାଏ। ଦୋଳପୂର୍ଣ୍ଣିମାର ୫ ଦିନ ମାଲୁଦ ଦଧିବାମନ ଦେବଙ୍କ ପୀଠରୁ ଏକ ୨୦୦ ଫୁଟର ଶୁଭଖୁଣ୍ଟ ପାଟୁଆରରେ ପଡିଆକୁ ଯାଇଥାଏ। ସେହିପରି ବଜ୍ରକୋଟ କୁଞ୍ଜବିହାରୀଙ୍କ ପୀଠରୁ ମଧ୍ୟ ଏକ ଶୁଭ ଖୁଣ୍ଟ ଯାଏ। ପ୍ରଥମେ ମାଲୁଦ ଦଧିବାମନ ଦେବଙ୍କ ଶୁଭଖୁଣ୍ଟ ପୋତାଯିବା ପରେ କୁଞ୍ଜବିହାରୀଙ୍କ ଖୁଣ୍ଟ ପୋତାଯାଏ। ସେହିଦିନ ରାତିରେ ଆତସବାଜି ଓ କେଳା କେଲୁଣୀ, ଡାହାଣୀ, ସଖୀ, ଘୋଡାନାଚ, ବାଘନାଚ ଆଦି ପାଟପାଟୁଆରରେ ସୁସଜ୍ଜିତ ମେଢ଼ରେ ଠାକୁରଙ୍କୁ ନିଆଯାଇଥାଏ। ପଡିଆରେ ତିଆରି ହୋଇଥିବା ନିଜ ନିଜ ମଣ୍ଡପରେ ଠାକୁର ବସିଥାନ୍ତି। ପରମ୍ପରା ଅନୁଯାୟୀ ପ୍ରଥମେ ଦଧିବାମନ ଦେବ, ପରେ କୁଞ୍ଜବିହାରୀ ଦେବ ବସିବା ପରେ ଅନ୍ୟ ଠାକୁର ବସିଥାନ୍ତି। ଏହି ଯାତ୍ରାରେ ହରି ଏବଂ ହରଙ୍କ ଏକ ନିଆରା ମେଳଣ ହୋଇଥାଏ। ଏହାର ବିଶେଷତ୍ୱ ହେଉଛି ଦଶହରା ବେଳେ କଟକରେ ମେଢ଼ ଭଳି ଏଠାକାର କାରିଗରମାନେ ଅତି ସୂକ୍ଷ୍ମ କାରୁକାର୍ଯ୍ୟରେ ମେଢ଼ ସହିତ ଦୋଳ ସଜ୍ଜିତ କରିଥାନ୍ତି। ଶ୍ରଦ୍ଧାଳୁ ଭକ୍ତମାନେ ଗଞ୍ଜାମ ଜିଲା ପ୍ରୟାଗିଠାରୁ ଏହି ସୁସଜ୍ଜିତ ଦୋଳକୁ କାନ୍ଧରେ ବୋହି ବୋହି ୧୮ କି.ମି. ଦୂର ପଞ୍ଚଦୋଳ ପଡିଆକୁ ଠାକୁରଙ୍କୁ ଆଣିଥାନ୍ତି। ଚିଲିକାର ପାଣି ମଧ୍ୟରେ ପଶି ଠାକୁରଙ୍କୁ ପାଟୁଆରରେ ଆଣିବା ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥାଏ। ଅନ୍ୟପକ୍ଷରେ ଏଠାରେ ପାଲା, ଦାସକାଠିଆ, ଭାରତଲୀଳା, କୃଷ୍ଣଲୀଳା, ସଂଗୀତ ଆଦି ଲୋକନାଟ୍ୟକୁ ବେଶି ଗୁରୁତ୍ୱ ଦିଆଯାଇ ପ୍ରତିଯୋଗିତା କରାଯାଇଥାଏ। ଶେଷଦିନ ମେଳଣ ପର୍ବ ପରେ ସମସ୍ତ ଠାକୁର ନିଜ ନିଜ ମନ୍ଦିରକୁ ଫେରିଥାନ୍ତି। ଏହି ଯାତ୍ରାକୁ ୨୪ ମୌଜା କମିଟି ପରିଚାଳନା କରିଥାଏ। ୨୪ ମୌଜାର ସ୍ଥାୟୀ ସଭାପତି ଭାବେ ମାଲୁଦ ଦଧିବାମନ ଦେବଙ୍କ ମାର୍ଫତ୍‌ଦାର ସଂଗ୍ରାମ କେଶରୀ ପଟ୍ଟନାୟକ ପରିଚାଳନା କରିଥାନ୍ତି। ଏହାର ବିଶେଷ ବିଶେଷତ୍ୱ ହେଉଛି କୌଣସି ଗ୍ରାମରେ ବର୍ଷକ ମଧ୍ୟରେ ଥିବା ବିବାଦ ଏହି ଯାତ୍ରା ସମୟରେ ହିଁ ସମାଧାନ କରାଯାଇଥାଏ। ଏହି ଭାଇଚାରାର ପର୍ବରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ମହାମିଳନ ହୋଇଥାଏ–**କୈଳାସ ଚନ୍ଦ୍ର ପଟ୍ଟନାୟକ**








## ହାଃ ହାଃ

### ବଞ୍ଚିଯା'

ଥରେ ଗୋପାଳ ପାଣିରେ ବୁଡ଼ିଯାଉଥାଏ। ଏତିକିବେଳେ ତା' ହାତରେ ଏକ ମାଛ ପଡ଼ିଲା। ସେ ତାକୁ ସଙ୍ଗେସଙ୍ଗେ ବାହାରକୁ ଫିଙ୍ଗିଦେଇ- ମୁଁ ତ ବୁଡ଼ିକି ମରିବି। ଅନ୍ତତଃ ତୁ ତୋ ଜୀବନ ବଞ୍ଚେଇଦେ।

### ଟାଇ

ମନୁଆକୁ ଏକ ପାର୍ଟି ପାଇଁ ନିମନ୍ତ୍ରଣ କାର୍ଡ ଆସିଥାଏ। ସେଥିରେ ଲେଖାଥିଲା- ପ୍ଲିଜ୍ କମ୍ ୱିଥ୍ ଓନ୍ଲି ପିଙ୍କ୍ ଟାଇ।
ମନୁଆ ପାର୍ଟିକୁ ଗଲା- ହେଲେ ସେଠି ଯାଇ ସେ ଲୋକଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। କାରଣ ଲୋକମାନେ ପିଙ୍କ୍ ଟାଇ ସହ ଡ୍ରେସ୍ ବି ପିନ୍ଧିଥିଲେ।

### ବିବାହ


ଗପୁ: ଜଣେ ବ୍ୟକ୍ତିଙ୍କ ମୁଣ୍ଡରେ ମାତ୍ର ଦୁଇଟି ବାଳ ଥାଏ। ଦୁହେଁ ପରସ୍ପରକୁ ବହୁତ ଭଲ ପାଉଥିଲେ। ହେଲେ ସେମାନେ ବିବାହ କରିପାରିବେ ନାହିଁ। କାହିଁକି?
ପପୁ: କାହିଁକି ନା ଆମ ଦେଶରେ ବାଳ ବିବାହ ଅପରାଧ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



# ମହାରାଷ୍ଟ୍ରର ପ୍ରସିଦ୍ଧ ଦୁର୍ଗ



**ମହାରାଷ୍ଟ୍ରରେ ଅନେକ ଐତିହାସିକ ଦୁର୍ଗ ଦେଖିବାକୁ ମିଳେ। ତନ୍ମଧ୍ୟରୁ କିଛି ଦୁର୍ଗର ଇତିହାସ ଓ ସ୍ଥାପତ୍ୟର ସୌନ୍ଦର୍ଯ୍ୟ ଆଜି ବି ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରେ...**

ମହାରାଷ୍ଟ୍ରରେ ଅନେକ ଐତିହାସିକ ଦୁର୍ଗ ରହିଛି। ତନ୍ମଧ୍ୟରୁ ଅଧିକାଂଶ ଛତ୍ରପତି ଶିବାଜୀ ମହାରାଜ ଏବଂ ତାଙ୍କର ମରାଠା ସାମ୍ରାଜ୍ୟ ଦ୍ୱାରା ନିର୍ମିତ ହୋଇଛି । ଆଉ କେତେକକୁ ଅନ୍ୟ ଶାସକମାନେ ଗଢିଛନ୍ତି। ତେବେ ସୂଚନାନୁଯାୟୀ, ମହାରାଷ୍ଟ୍ରରେ କୁଆଡ଼େ ପ୍ରାୟ ଶତାଧିକ ଦୁର୍ଗ ରହିଛି ; ସେଥିମଧ୍ୟରୁ କେତେକ କାରୁକାର୍ଯ୍ୟପୂର୍ଣ୍ଣ ପ୍ରସିଦ୍ଧ ଦୁର୍ଗ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଗଲା...

* **ରାୟଗଡ଼ ଦୁର୍ଗ:** ମହାରାଷ୍ଟ୍ରର ରାୟଗଡ଼ ଜିଲାରେ ଥିବା ଏହା ଏକ ଲୋକପ୍ରିୟ ଦୁର୍ଗ। ସମୁଦ୍ରପତ୍ତନରୁ ପ୍ରାୟ ୪୪୪୯ ଫୁଟ ଉଚ୍ଚତାରେ ଥିବା ଏହି ଦୁର୍ଗଟି ନିଜ ବେସ୍‌ଠାରୁ ପ୍ରାୟ ୮୨୦ ମିଟର ଉଚ୍ଚତାରେ ଅବସ୍ଥିତ। ଏହି ଦୁର୍ଗଟି ମରାଠାମାନଙ୍କର ଗର୍ବଗୌରବର ପ୍ରତୀକ ଅଟେ। ବର୍ତ୍ତମାନ ଏହି ଦୁର୍ଗର ଅଧିକାଂଶ ଭାଗ ପରିତ୍ୟକ୍ତ ଅବସ୍ଥାରେ ରହିଥିଲେ ବି ଏହା ଆଜିବି ମରାଠାମାନଙ୍କର ସାହାସର କଥାକୁ ମନେ ପକାଇ ଦେଇଥାଏ। ସକାଳ ୮ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏଠାକୁ ବୁଲି ଯିବାର ଉପଯୁକ୍ତ ସମୟ। ପ୍ରବେଶ ପାଇଁ ଅଳ୍ପ କିଛି ଏଣ୍ଟ୍ରି ଟିକେଟ୍ ପଡିବାର ମଧ୍ୟ ସୂଚନା ରହିଛି।


* **ଶିବନେରୀ ଦୁର୍ଗ:** ମହାରାଷ୍ଟ୍ରର ପୁନେ ଜିଲା ଅନ୍ତର୍ଗତ ଜୁନ୍ନାର ନାମକ ସ୍ଥାନରେ ଥିବା ଏହା ଅନ୍ୟତମ ପ୍ରମୁଖ ଦୁର୍ଗ। ସୂଚନାନୁଯାୟୀ, ଏଠାରେ କୁଆଡ଼େ ଛତ୍ରପତି ଶିବାଜୀ ମହାରାଜ ଜନ୍ମ ହୋଇଥିଲେ ; ସେଥିପାଇଁ ଏହି ଦୁର୍ଗର ଭିନ୍ନ ପରିଚିତି ରହିଛି। ସୂଚନାନୁଯାୟୀ, ଏହି ଦୁର୍ଗ ମଧ୍ୟକୁ ପ୍ରବେଶ କରିବାକୁ ହେଲେ ପର୍ଯ୍ୟଟକଙ୍କୁ ଏକାଧିକ ଫାଟକ ପାର୍ କରିବାକୁ ହୋଇଥାଏ। ତେଣୁ ଏହିଥିରୁ ଅନୁମାନ କରିହୁଏ ଯେ, ପୂର୍ବେ ଏହି ଦୁର୍ଗର ସୁରକ୍ଷା ବ୍ୟବସ୍ଥା କେତେ କଡ଼ାକଡ଼ି ଥିଲା। ସକାଳ ୯ଟାରୁ ସନ୍ଧ୍ୟା ୬ଟା ଯାଏଁ ଖୋଲା ରହୁଥିବା ଏହି ଦୁର୍ଗ ମଧ୍ୟକୁ ପ୍ରବେଶ କରିବାକୁ ହେଲେ ସେମିତି କିଛି ଖାସ୍ ଏଣ୍ଟ୍ରି ଟିକେଟ୍ ପଡେ ନାହିଁ ବୋଲି ସୂଚନା ରହିଛି।

* **ପ୍ରତାପଗଡ଼ ଦୁର୍ଗ:** ମହାରାଷ୍ଟ୍ରର ସତାରା ଜିଲାରେ ଅବସ୍ଥିତ ଏହା ବି ହେଉଛି ଏକ ଲୋକପ୍ରିୟ ଦୁର୍ଗ। ସ୍ଥାନୀୟ ମହାବଳେଶ୍ୱର ହିଲ୍ ଷ୍ଟେଶନଠାରୁ ଏହା ପ୍ରାୟ ୨୪ କି.ମି ଦୂରରେ ଅବସ୍ଥିତ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଏହି ଦୁର୍ଗଟିର ଐତିହାସିକ ଗାଥା ତଥା ଆଖପାଖର ମନୋରମ ଦୃଶ୍ୟ ବେଶ୍ ଆଖିଦୃଶିଆ ହୋଇଥାଏ। ସମୁଦ୍ରପତ୍ତନରୁ ପ୍ରାୟ ୩୫୪୩ ଫୁଟ ଉଚ୍ଚତାରେ ଥିବା ଏହି ଦୁର୍ଗ ନିକଟକୁ ଯିବା ପାଇଁ ଉପଯୁକ୍ତ ସମୟ ହେଉଛି ସକାଳ ୮ଟାରୁ ସନ୍ଧ୍ୟା ୬.୩୦। ଏଠାକୁ ପ୍ରବେଶ ନିଃଶୁଳ୍କ।


* **ମୁରୁଦ ଜଞ୍ଜିରା ଦୁର୍ଗ:** ମହାରାଷ୍ଟ୍ରର ରାୟଗଡ଼ ଜିଲା ଅନ୍ତର୍ଗତ ମୁରୁଦ ନାମକ ଏକ ସ୍ଥାନରେ ରହିଛି ଏହି ପ୍ରସିଦ୍ଧ ଦୁର୍ଗଟି। ଏହି ଦୁର୍ଗଟିର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ବେଶ୍ ମନୋରମ ହୋଇଥାଏ। କାରଣ ଏହି ଦୁର୍ଗର ଚତୁଃପାର୍ଶ୍ୱକୁ ଘେରି ରହିଛି ଜଳାଶୟ। ଏଠାକୁ ଯିବାକୁ ହେଲେ ନୌକାର ସାହାଯ୍ୟ ନେବାକୁ ପଡିଥାଏ। ତଥାପି ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରହୁଥିବା ଏହି ଦୁର୍ଗକୁ ପ୍ରବେଶ କରିବା ପାଇଁ କୌଣସି ଏଣ୍ଟ୍ରି ଟିକେଟ୍ ପଡେ ନାହିଁ ବୋଲି ସୂଚନା ରହିଛି।


* **ସିନ୍ଧୁଦୁର୍ଗ :** ଏହା ମଧ୍ୟ ମହାରାଷ୍ଟ୍ରର ଅନ୍ୟତମ ଲୋକପ୍ରିୟ ଦୁର୍ଗ। ସମୁଦ୍ର ଉପକୂଳସ୍ଥ ଏହି ଦୂର୍ଗଟିର ପ୍ରାକୃତିକ ପରିବେଶ ବି ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ ଜମେ। ସକାଳ ୮ରୁ ସନ୍ଧ୍ୟା ୬ଟା ଯାଏଁ ଖୋଲା ରହୁଥିବା ଏହି ଦୁର୍ଗକୁ ପ୍ରବେଶ କରିବା ପାଇଁ ଅଳ୍ପ କିଛି ଶୁଳ୍କ ପଡେ ବୋଲି ସୂଚନା ରହିଛି।

କେବଳ ଏତିକି ନୁହେଁ ମହାରାଷ୍ଟ୍ରରେ ଆହୁରି ଅନେକ ଏମିତି ଲୋକପ୍ରିୟ ଦୁର୍ଗମାନ ରହିଛି ; ଯାହା ଆଜିବି ନିଜର ଐତିହାସିକ ମହତ୍ତ୍ୱ ଓ ଗୌରବର ଗାଥାକୁ ନିଜ ଭିତରେ ସାଇତି ରଖି ଦଣ୍ଡାୟମାନ ରହିଛି।









# କଥା ପଟାଟୋ ଚିପ୍ସର



**ପଟାଟୋ ଚିପ୍ସ ଯେମିତି କ୍ରିସ୍ପି ସେମିତି ଟେଷ୍ଟି। ସେଥିପାଇଁ ତ ଛୋଟରୁ ବଡ଼ ସମସ୍ତଙ୍କର ଏହା ପ୍ରିୟ। ତେବେ ଜାଣନ୍ତି ଏହା ପଛର ମଜାଦାର ଇତିହାସ? ଜାଣନ୍ତୁ ସେ ସମ୍ପର୍କରେ..**

୧୮୫୩ ମସିହା ଅଗଷ୍ଟ ମାସ ୨୪ ତାରିଖର କଥା। ନ୍ୟୁୟର୍କର ଛୋଟିଆ ସହର ସାରାଟୋଗା ସ୍ପ୍ରିଙ୍ଗସ୍ଥିତ ମୁନ ଲେକ ଲଜ ରିସର୍ଟକୁ ଆସିଥାନ୍ତି ଜଣେ ଅଜବ ଗ୍ରାହକ। ଯାହାଙ୍କ ନାମ କର୍ନେଲିୟସ ୱେଣ୍ଡେରବିଟ ଥିଲା। ସେ ସେତେବେଳର ଜଣେ ବିଜନେସ୍ ଟାଇକୁନ୍ ଥିଲେ। ସେଦିନ ସେ ଫ୍ରେଞ୍ଚ ଫ୍ରାଇଜ୍ ଅର୍ଡର କଲେ। ସେ ସମୟରେ ସାରା ଆମେରିକାରେ ଫ୍ରେଞ୍ଚ ଫ୍ରାଇଜ୍ ବହୁତ ଲୋକପ୍ରିୟ ଥିଲା। ସେଫ୍ ଜର୍ଜ କ୍ରୁମ୍ ପ୍ରସ୍ତୁତ କରିଥିବା ସ୍ୱାଦିଷ୍ଟ ଫ୍ରେଞ୍ଚ ଫ୍ରାଇଜ୍ କର୍ନେଲିୟସ୍‌ଙ୍କୁ ପରଷାଗଲା। ହେଲେ କର୍ନେଲିୟସ୍ ଏହା କହି ତାକୁ ଫେରାଇଦେଲେ ଯେ, ଫ୍ରେଞ୍ଚ ଫ୍ରାଇଜ୍ ବହୁତ ମୋଟା ଓ ନରମ ହୋଇଛି। ତା'ସହ ତାହା ସଲ୍ଟେଡ ବି ନୁହେଁ। ସେଫ୍ ଜର୍ଜ ପୁଣିଥରେ ଫ୍ରେଞ୍ଚ ଫ୍ରାଇ କରି ପଠାଇଲେ। କର୍ନେଲିୟସ ପୁଣିଥରେ ଭଲ ହେଇନି ମୋଟା ମୋଟା ହେଇଛି କହି ଫେରାଇଦେଲେ। ଏଭଳି ଅତି କମ୍‌ରେ ୫ ଥର ଫେରାଇବା ପରେ ଜର୍ଜ ବିରକ୍ତ ହୋଇଗଲେ। ଆଉ ଏଭଳି ଗ୍ରାହକକୁ ମଜା ଚଖେଇବା ଲାଗି ଏକ ଆଳୁ ନେଇ ତାକୁ ଗୋଲ ଗୋଲ କରି ଏତେ ପତଳା ପତଳା କାଟିଲେ ଯେ, ଯେମିତିକି ତାକୁ ଫର୍କରେ ଖାଇବା ସମ୍ଭବ ହେବ ନାହିଁ। ରାଗରେ ସେସବୁକୁ ଅଧିକ ଫ୍ରାଇ ବି କଲେ। ଆଉ ସେଥିରେ ଅଧିକ ଲୁଣ ମଧ ଛିଞ୍ଚିଲେ। ଜର୍ଜ ଭାବିଥିଲେ ଏଭଳି ଏକ ଡିସ୍ ଖାଇ କର୍ନେଲିୟସ୍ ବିରକ୍ତ ହୋଇ ପଳେଇବେ। ହେଲେ ଘଟଣା ହେଲା ସମ୍ପୂର୍ଣ୍ଣ ଓଲଟା। କର୍ନେଲିୟସ୍ ଯେମିତି ଏହି ଗୋଲାକାର ଅଧିକ ଫ୍ରାଇ ଓ ଅଧିକ ସଲ୍ଟେଡ ଫ୍ରେଞ୍ଚ ଫ୍ରାଇଜ୍ ଖାଇଲେ ସେ ବହୁତ ଖୁସି ହୋଇ କହିଲେ– ୱାହ! ୟାକୁ କେମିତି କଲ? ଜର୍ଜ କ୍ରୁମ ଚକିତ ହୋଇଗଲେ। ଅଜାଣତରେ ସେଦିନ ସେ ଏକ ନୂଆ ଡିସ୍ ପ୍ରସ୍ତୁତ କରିଦେଇଥିଲେ। ପରେ ଏହି ଡିସ୍ ସାରା ଦୁନିଆରେ ପଟାଟୋ ଚିପ୍ସ ବା ଆଳୁ ଚିପ୍ସ ନାମରେ ଲୋକପ୍ରିୟ ହେଲା। ୧୯୫୦ ଦଶକ ପର୍ଯ୍ୟନ୍ତ ପଟାଟୋ ଚିପ୍ସ କାଗଜର ପ୍ୟାକେଟରେ ବିକ୍ରି ହେଉଥିଲା। ପରେ ଆୟରିଶ ପଟାଟୋ ଚିପ୍ସ କମ୍ପାନୀ 'ଟାୟଟୋ କ୍ରିସ୍ପସ୍'ର ମାଲିକ ସ୍ପୁଡ ମର୍ଫି, ଫ୍ଲେଭର ଚିପ୍ସ ତିଆରି କରିବା ପଦ୍ଧତି ଆବିଷ୍କାର କଲେ। ସେ ପୃଥିବୀର ପ୍ରଥମ ଫ୍ଲେଭରଡ୍ ଚିପ୍ସ 'ଚିଜ୍ ଆଣ୍ଡ ଓନିଅନ୍' ତିଆରି କଲେ। ପରେ 'ସଲ୍ଟ ଆଣ୍ଡ ଭିନେଗାର' ଫ୍ଲେଭର ବଜାରରେ ଉପଲବ୍ଧ କରାଇଲେ। ଏହାପରେ ତ ଅନେକ ଫ୍ଲେଭର୍‌ର ଚିପ୍ସ ତିଆରି କରାଗଲା।

*ଯଦିଓ ଆଳୁ ଚିପ୍ସ ତିଆରି କରିବା ଓ ତାକୁ ଲୋକପ୍ରିୟ କରାଇବାର ଶ୍ରେୟ ଜର୍ଜ କ୍ରୁମଙ୍କୁ ଯାଏ। ତେବେ ପ୍ରକୃତରେ ଏହାର ରେସିପି ବହୁ ଆଗରୁ ୨୦୦ ବର୍ଷ ପୂର୍ବେ ୧୮୧୭ରେ ବ୍ରିଟିଶ କୁକ୍ ୱିଲିୟମ କିଚନେର୍‌ଙ୍କ ରୋଷେଇ ପୁସ୍ତକ 'ଦ କୁକ୍ସ ଓରେକଲ'ରେ ପ୍ରକାଶିତ ହୋଇସାରିଥିଲା।

*୨୦୧୩ରେ କ୍ରୋକର୍ସ୍ କ୍ରିସ୍ପସ୍ କମ୍ପାନୀ ସବୁଠୁ ବଡ଼ ପଟାଟୋ ଚିପ୍ସ ବ୍ୟାଗ ତିଆରି କରିଥିଲା, ଯାହାର ଉଚ୍ଚତା ୧୮ ଫୁଟ ଓ ସେଥିରେ ୨୫୧୫ ପଟାଟୋ ଚିପ୍ସ ଥିଲା। ଫଳରେ ଏହା ପୃଥିବୀର ସବୁଠୁ ବଡ଼ ପଟାଟୋ ଚିପ୍ସ ବ୍ୟାଗଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲା।

*ପଟାଟୋ ଚିପ୍ସ ପ୍ୟାକେଟ୍‌ରେ ବହୁତ କମ୍ ଚିପ୍ସ ଥାଏ କିନ୍ତୁ ପ୍ୟାକେଟ୍ ବଡ଼ ଓ ତକିଆ ପରି ଫୁଲ୍‌କା ହୋଇଥାଏ। ଚିପ୍ସ ନ ଭାଙ୍ଗିବା ତଥା ସୁରକ୍ଷିତ ରହିବା ଲାଗି ଏଭଳି ପ୍ୟାକ କରାଯାଇଥାଏ। ଏହି ପ୍ୟାକ ଭିତରେ ଥାଏ ନାଇଟ୍ରୋଜେନ ଯାହା ଚିପ୍ସକୁ ବହୁତ ଦିନ ପର୍ଯ୍ୟନ୍ତ ଫ୍ରେଶ୍ ରଖେ।





# ଡରିବେ ଏହି ଆଇସ୍କ୍ରିମ ଖାଇବାକୁ



ଆଇସ୍‌କ୍ରିମ ପ୍ରାୟ ସମସ୍ତଙ୍କୁ ଭଲ ଲାଗେ। ଛୋଟ ପିଲା ତ ଆଇସ୍‌କ୍ରିମକୁ ଏତେ ଭଲ ପାଆନ୍ତି ଯେ, ବାପା ମା' ଥଣ୍ଡା ହେବା ଭୟରେ ଦେବାକୁ ରାଜି ନ ଥିଲେ ହେଁ ଜିଦ୍ କରନ୍ତି ଆଇସ୍‌କ୍ରିମ ଖାଇବାକୁ। ହେଲେ ନିକଟରେ ସୋସିଆଲ ମିଡ଼ିଆରେ ଦେଖିବାକୁ ମିଳୁଛି ଏମିତି ଏକପ୍ରକାରର ଆଇସ୍କ୍ରିମ, ଯାହା ଦେଖିବାକୁ ବେଶ୍ ଅଜବ। ଆଉ ଏହାର ଲୁକ୍ ଏମିତି ଯେ, ତାକୁ ଦେଖିଲେ ଖାଇବାକୁ ମନ ହେବା ପରିବର୍ତ୍ତେ ଭୟ ଲଗିବ। କାରଣ ଏହା ଦେଖିବାକୁ ଛୋଟ ପିଲାର ଭୂତ ପରି। କୋନ୍ ଆକାରର ଏହି ଆଇସ୍କ୍ରିମ୍‌ର ସ୍କୁପ୍‌କୁ ଭୟଙ୍କର ଛୋଟ ପିଲାର ଭୂତ ମୁଣ୍ଡ ପରି କରାଯାଇଛି। ଯାହାର ଆଖି ଭୟଙ୍କର ଭାବେ ଉପରକୁ ଚାହିଁ ରହିଥାଏ। ଆଇସ୍କ୍ରିମ କୋନ୍ ଭିତରେ ଥିବା ଏହି ଭୟଙ୍କର ପିଲାର ମୁଣ୍ଡରେ ଲାଲ ରଙ୍ଗ ରହିଛି ଯାହା ରକ୍ତ ବୋହିଲା ପରି ଲାଗେ। କୁହାଯାଉଛି ଏହି ଆଇସ୍‌କ୍ରିମ ଭିଡିଓ ଆମେରିକାର ନର୍ଥ କାରୋଲିନାରେ ଥିବା ହଣ୍ଟେଡ ହାଉସ୍ ଉଡ୍‌ସ ଅଫ୍ ଟେରର୍ ଅଟେ। ତେବେ ଏହା ଖାଇବାଯୋଗ୍ୟ ନା ନୁହେଁ ଜଣା ନାହିଁ।



କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ନିଶ



ଚନ୍ଦରା ଚତୁରାକୁ ମୁଣ୍ଡିଆ ମାରି କହିଲା, ବାବୁ ! ମୋ ଝିଅ କଥା କଣ ବୁଝିଲ ? ମୁଁ କଣ ଶୁଣିଲି ତା'ର ହେଲାନାହିଁ, ଆଉ କାହାର ହେଲା । ଚତୁରା କହିଲା କୋଉକଥା ? ଟିକେ ମନେ ପକେଇଲେ ହବ ନା !

_ମୋ ଝିଅର ଚାକିରୀ କରେଇଦେବେ କହୁଥିଲେ ପରା ! କହିବା ମୁତାବକ ମୁଁ ତ ଦେଲି । ହେଲେ... ।

_ଆରେ ଚନ୍ଦ୍ର ! ତମେ ହେଲ ପୁରୁଣାକାଳିଆ ଗାଉଁଲି ମୂର୍ଖ । ତମେ କଣ କିଛି ବୁଝିବ ? ହଁ, କେତେ ଦେଇଥିଲ ଟି ?

_ମୁଁ ପରା ଏଇ ହାତରେ ପୂରା ପଚାଶ ହଜାର ତମକୁ ଦେଇଛି ।

--ହଁ ଯେ, ମୁଁ କ'ଣ ମନାକରୁଛି ନା ତମ ଟଙ୍କା ଖାଇଦେଇଛି ? ଶୁଣ, ଆଉ ସେତିକି ଯୋଗାଡ଼ କର । ହେଇଯିବ ।

--ବାବୁ ! ସେଇ ଚାକିରୀରେ ତ ଆଉଜଣେ ରହିସାରିଲାଣି ।

--ଓହୋ ! କି ମୁସ୍କିଲ କଥା ! କିରେ ଚାକିରୀ କଣ ସେଇ ଗୋଟେ ? ମୁଁ କହୁଛି ମାନେ ହବ । ଅଲବତ ହବ । ତା ପାଇଁ ନିଶୁଆ ବନୁ ଭାଇଙ୍କୁ କହି ଚାକିରୀ ସୃଷ୍ଟି କରାଯିବ । ଖାଲି ତମେ ହାତଖୋଲାକରି ମାଲ ଛାଡିଲେ ହେଲା । ତମେ କଣ ମୋ ନିଶର କରାମତି ଜାଣିନ ?

--ବାବୁ, ତମର ତ ନିଶ ନାହିଁ ।

--ଧେତ୍ ! ମୋର ନିଶ ନଥିଲେ କ'ଣ ମୋ ବନୁ ଭାଇର ନାହିଁ ? ତା'ଛଡ଼ା ତମେ ବୋଧେ ଜାଣିନ--ଦୃଶ୍ୟ ନିଶ ଠୁ ଅଦୃଶ୍ୟ ନିଶର ପାୱାର ବେଶି । ଭାଗବତ ରାମାୟଣ ପଢିଥିଲେ ସିନା ଜାଣନ୍ତ – ବୀରାଟ ବାହୁବଳେ କୀଚକ ରାଜା, ସେ ନାଁ କୁ ରାଜା ସିନା ହୋଇଥିଲା, ହେଲେ ଅସଲ ପାୱାର କାହା ହାତରେ ଥିଲା ।

--ବାବୁ ! ଭାଗବତ କି ରାମାୟଣ ନୁହଁ ବରଂ ମହାଭାରତରେ ସେଇ କଥା ଅଛି.. ।

--ଆରେ କିଏ ମନାକଲା ? ଶୁଣ ! ବନୁଭାଇଙ୍କ ନିଶ ଥାଇ ପଦବୀ ପାଇ ଯାହା କରିପାରନ୍ତି ନାହିଁ, ତାଙ୍କଠୁ ପରା ଆମେ ବେଶି କରାମତି ଦେଖାଉ । ବୁଝିଲ, ତୁଚ୍ଛ ଲୁହା ଯେବେ ଚୁମ୍ବକ ଦେହରେ କିଛି ସମୟ ଘଷିହୋଇଯିବ, ସିଏବି ଚୁମ୍ବକ ହୋଇଯିବ । ହଉ, ଛାଡ଼ ସେ କଥା । ଯାଅ ! ଆଉ ମାଲପାଣି ଯୋଗାଡ଼ କର । ତମ ଝିଅ ଦାୟିତ୍ୱ ମୋର ।

--ହଉ ବାବୁ । ଆଉ ତ ଜମା ଦି 'ମାଣ ଜମି ଅଛି । ସେଇଆକୁ ବିକିଲେ ଯାହା ହେବ । ହେଇଟି ବାବୁ, ସେଇ ଗୋଟାଏ ବୋଲି ଝିଅ । ମୋର ଆଗକୁ ପଛକୁ କେହିନାହିଁ । ଯେମିତି ନିରାଶ କରିବ ନାହିଁ । ଆସୁଛି ମୁଁ ।

ସତରେ ଆଜ୍ଞା, ଅସଲ ନିଶୁଆଙ୍କ ଠୁ ଏଇ ମାଖୁନାମୁହାଁ କୁହାଳିଆଙ୍କ ପରିବାପଣିଆ କେତେ ବେଶି କହିଲେ ! ଏମାନେ ପଛେ ଘରେ ଅସରପାକୁ ଡରୁଥିବା ପତ୍ନୀର ରଡ଼ିକି ଡରି ସିନା ମଲା ମୂଷା ଭଳି ଚଳନ୍ତି, ହେଲେ ବାହାରେ କଥା ଚାତୁରିଆ କୁହାଳିଆ ବଲୁଆ ବାହାଦୁରିଆ ପାୱାରଫୁଲ ବୋଲେଇ ଭାରି ଜୋରରେ ରଡନ୍ତି । ଯାଙ୍କ ଗର୍ଜନ ଶୁଣି ଆଛା ଆଛା ଲୋକେ ବି ଡରଥର ହୁଅନ୍ତି । ବିଶ୍ୱାସ-ଭରସା କରନ୍ତି । ଏଇ ମାଖୁନାମୁହାଁ ନିଶହୀନ ହୋଇ ଯାହା ପାଆନ୍ତି-ଖାଆନ୍ତି-ସଞ୍ଚନ୍ତି ହୁଏତ ନିଶୁଆମାନଙ୍କ ଦ୍ୱାରା ସେତିକି ସମ୍ଭବ ହୁଏନି । ଏଇ ମାଖୁନା-ମୁହାଁଏଁ, ନିଶୁଆ ବନୁଭାଇଙ୍କ ନିଶକୁ ନିଜ ନିଶ କହି ଫାଇଦା ଉଠାଉଥିବା ଜାଣି, ଗବେଷଣା ରତ ପଣ୍ଡିତେ, ଯାଙ୍କ ପଛରେ ବହୁ ବିଶେଷଣ ପଦ ଯୋଡି, ଗୋଡାଣିଆ, ତୋଷାମଦିଆ, ତେଲମରା, ଦଲାଲ, ଉପୁରିଖିଆ, ଟାଉଟରିଆ, ଫୁଟାଣିଆ ଭଳିଆ ସୁନ୍ଦର ଶବ୍ଦରେ ସମ୍ବୋଧନକଲେ ବି ସେଇ ଶବ୍ଦ ଯେତେ ଫୁଟିଲେ ମଧ, ମାଖୁନାମୁହାଁଙ୍କର ପ୍ରକୃତି ମରେନି କି ତାଙ୍କୁ କିଛି ଫରକ ପଡ଼େନି ।

ଥରେ ଜଣେ ମାଖୁନାମୁହାଁ, ଗୋଟେ ନିଶୁଆଙ୍କୁ ଗୁଡ଼ାଏ ତେଲବୋଳି ପ୍ରଶଂସାର ଶ୍ରମ ବିନିମୟରେ ପାରିଶ୍ରମିକ ଶହେଟଙ୍କା ପାଇ ଖୁସିରେ ଭାଟିରେ ପଶି ତଷ୍ଟିଯାଏ ଦେଶୀ-ମାଲ ପିଇଲେ । ସେଇଠୁ ମହକି ଉଠୁଥିବା ପାଟିରେ କାହାକୁ ଗାଳିକରି କରି ରାସ୍ତାରେ ଟଳି ଟଳି ଯାଉଯାଉ ଜଣେ ଭଦ୍ରଲୋକଙ୍କ ଗାଡି ଆଗକୁ ପଶିଆସିଲା । ରକ୍ଷାଅଛି, ବାବୁ ବ୍ରେକ୍ ମାରି ଗାଡ଼ିରୁ ଓହ୍ଲେଇ ମାଖୁନାକୁ କହିଲେ -ହେ ହେ ଭାଇ ! ଏମିତି ଗାଡି ଆଗକୁ ମାଡିଆସୁଛ କାହିଁ ? ଯଦି ଗାଡି ଧକ୍କା ହୋଇଥାନ୍ତା ? ମାଖୁନା ଟଳମଳ ପାଦରେ ଖାଡାହୋଇ ଅନର୍ଗଳ ଗାଳିକରି କହିଲା --ତମେ ମତେ ଚିହ୍ନିଛ ମୁଁ କିଏ ? ମୁଁ ଚାହିଁଲେ ଏଇକ୍ଷଣି ମୋ ନିଶୁଆ ଭାଇକୁ କହି ତମ ଗାଡି ସିଜ୍ କରିଦେବି । ତମ ଲାଇସେନ୍ସ ରଦ କରିଦେବି । ତମକୁ ଆରେଷ୍ଟ କରେଇଦେବି । ଆଉ ଯେବେ ଚାକିରୀ କରିଥବ -ଚବିଶି ଘଣ୍ଟାରେ ଚାକିରୀ ଖାଇଦେବି । ମୁଁ ଚାହିଁଲେ ଏଇ ରାସ୍ତା ବନ୍ଦ କରିଦେବି । ତମ ସବୁ ସମ୍ପତ୍ତି ବାଜ୍ୟାପ୍ତି କରିଦେବି,.... । ବିଚରା ଭଦ୍ର ବାବୁଜଣଙ୍କ ତା ମୁହଁରୁ ଗୋଡଯାଏ ଅନେଇଲା ବେଳକୁ ଦେଖିଲେ, ଭାଟିରେ ପେଟେ ପିଇଥିବା ମାଲ ତକ ପିନ୍ଧା ପ୍ୟାଣ୍ଟ ଭିଜେଇ ପାଦକୁ ନିର୍ଗତ ହେଲାଣି । ମୁହଁରେ ସେ ରୁମାଲଦେଇ ଗନ୍ଧକୁ ଅଟକେଇ ଗାଡ଼ିନେଇ ପଳେଇଗଲେ ସିନା, ମାତ୍ର ମାଖୁନା ମୁହଁରୁ ଗର୍ଜନ ଘନଘନ ବାହାରୁଥିଲା ।

ହେଇ, ଏବେ ଆସିଗଲା ନିର୍ବାଚନ ଋତୁ । ଏବେ ନିଶୁଆ ଭାଇଙ୍କ ପାଇଁ ମାଖୁନା ମୁହାଁଙ୍କ ମୁହଁରୁ ଶୁଣିବାକୁ ମିଳିବ ପ୍ରଶଂସାଗାନ ସାଙ୍ଗକୁ ଚାଲିବ ଉଚ୍ଚ ଜିନ୍ଦାବାଦ ରବ । ଆଗରୁ ଆଛା ଆଛା ଅଫିସରଙ୍କୁ ନିଶୁଆଭାଇଙ୍କ ନାଁ କହି ଡରେଇ ଥରେଇ ବଦଳି, ସସ୍ପେଣ୍ଡ ଭୟ ଦେଖେଇ କେତେ ଫାଇଦା ଉଠେଇ ଚାଲିଥିଲେ, କେତେ ଉଚ୍ଚପଦାଧିକାରୀଙ୍କୁ ନାଲି ଆଖି ଦେଖେଇ ପିଚା ଥରେଇ କଛା ଖୋଲେଇ, ନିଶନଥିବା ମାଖୁନା ମୁହଁକରେ ହାତ ବୁଲେଇ ନିଶମୋଡି ଟାଉଟରୀ ଟଙ୍କାରେ ପିଲା-ପରିବାର ପୋଷୁଥିଲେ, ହେଲେ ଏବେ ମାସାଧିକ କାଳ ଯୋଉ ନିର୍ବାଚନ ପର୍ବ ପାଳନହେବ, ସେଥିରେ ଏମାନଙ୍କ ହାତ ମୁହଁ ଚିକ୍କଣ -ଝକ ଝକ ଦେଖାଯିବ । ମାଖୁନାଙ୍କ ମୁହଁରୁ ଗୁଳି ଠୁ ବଳି ଫୁଟିବ ପ୍ରତିଶ୍ରୁତି -ଛୁଟିବ ଗର୍ଜନ । ଉପୁରି ମାଉଁସ ଭାତ ଭୋଜନ ସାଙ୍ଗରେ ଦି ଚକ୍ରି ଯାନରେ ମାଗଣା ତୈଳ ଭରି ଗାଡ଼ିନେଇ ବୁଲିବେ ବଳ ଭର୍ତ୍ତି ବଡିରେ ସାହି ସାହି, ଗଳି କନ୍ଦିରେ, ଗାଁ ରୁ ସହର । ଲୋକଙ୍କୁ ଛତାଟେ ଦେଇ ଛାତଘର କରେଇଦେବାର ଯେଉଁ ଦୃଢ଼ ପ୍ରତିଶ୍ରୁତି ଦେବେ, ସେଇଥିରେ ଜନତା ଦିନରେ ଏମିତି ଠିଆ ସପନ ଦେଖିବେ ଯେ, ତାଙ୍କୁ ଲାଗିବ – ମୁହୂର୍ତ୍ତକେ ତାଙ୍କ ଝୁମ୍ପୁଡ଼ି ଉଭେଇ,ରାଜ-ଉଆସ ମିଳିଗଲା କି ଆଉ ! ଉଝେଇଁ ବେଳେ ଯୋଉ ମାଲପିଆ ମାଖୁନାମୁହାଁ ଆପଣା ପତ୍ନୀପାଇଁ ଖଣ୍ଡେ ଶସ୍ତା କସ୍ତା ଶାଢୀ କିଣି ଦେଇପାରି ନଥିବେ, ସିଏ ଅନ୍ୟମାନଙ୍କୁ ରାଜଉଆସ ସପନ ଦେଖେଇ ଯେବେ ନିଶୁଆ ଭାଇଙ୍କୁ ଜିତେଇ ପାରନ୍ତି, ଆପଣ କ'ଣ ତାଙ୍କୁ ଦୁର୍ବଳ ଭାବନ୍ତି ! ଏମାନଙ୍କ ଶକ୍ତିରେ ଗାଁ-ଗଣ୍ଡା, ସହର-ବଜାରରେ ଏଇବେଳେ ବହୁ ଯାନବାହାନ ଭିଡ଼ ହୁଏ । ବାହୁବଳୀର ପରୀକ୍ଷାହୁଏ । କାନ ତାବଜା କଲାଭଳିଆ ଭାଷଣ ଶୁଣାଯାଏ । ଝୁଡି ଝୁଡି ପ୍ରତିଶ୍ରୁତିର ମିଠା ଫଳ ଘରେ ଘରେ ବଣ୍ଟାଯାଏ । ମିଟିଙ୍ଗ ପରେ ଇଟିଙ୍ଗ ପାଇଁ ଡକାଯାଏ । ମାଖୁନାମାନେ, ନିଶୁଆଙ୍କ କାଖତଳ ପାଖଲୋକ ବୋଲି ସାଧାରଣ ଜନତାଙ୍କ ଧାରଣା ହୁଏ । ଏଇଠୁ ମିଳେ ବିଶ୍ୱାସଯେ ଏଇ ମାଖୁନାଙ୍କୁ ଧରିଲେ ମିଳିବ ଘରେ ଘରେ ପିଇବା ପାଣି, ବେଘରଙ୍କୁ କୋଠାଘର, ପିଲାଙ୍କୁ ଚାକିରୀ, ରାସନ କାର୍ଡ ଠୁ ବିଧବା ବା ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦି । କେହି କେହି କୁହାକୁହି ହୁଅନ୍ତି, ଏମାନେ ଶକୁନିପରି ନିଶୁଆଙ୍କ ଭାରି ହିତାକାଂକ୍ଷୀ । ଏମାନେ ବେଳକାଳ ଉଣ୍ଡି ଭଲ ଫାଇଦା ଉଠାନ୍ତି । ସବୁଠି ଭଦ୍ରଲୋକ ମଧ୍ୟସ୍ଥି ସାଜନ୍ତି । ଏମାନଙ୍କୁ ନ ଡାକିଲେ ମଲ, ଡାକିଲେ ବି ମଲ । ତଥାପି କୁଆଡେ ମାଖୁନାମୁହାଁ ଅସଲି କର୍ମୀ -ଖାଣ୍ଟି ସମାଜ ସେବକ । ଜନତାଙ୍କ ସେବାପାଇଁ ଏମାନଙ୍କ ଜନ୍ମ । ସମାଜ ସେବା ଧର୍ମ ।

ଯେହେତୁ ନିଶୁଆଙ୍କର ଏମାନେ ଡାହାଣ ହାତ, ସେବାଧର୍ମ ଏମାନଙ୍କ ଲକ୍ଷ୍ୟ, ତେଣୁ ଏମାନଙ୍କ ଦୋଷ ବାଛିବା ମହାପାପ । କାର୍ଯ୍ୟ -ଅକାର୍ଯ୍ୟ, ଭକ୍ଷ୍ୟ -ଅଭକ୍ଷ୍ୟ ବୋଲି କିଛି ବାଛ ବିଚାର ରଖିବା ଉଚିତ ନୁହଁ କି ଏମାନଙ୍କୁ ମଲାଙ୍ଗ -ପରାଙ୍ଗପୁଷ୍ଟ ଭାବିବା ଭଲ ନୁହେଁ । ଏଇମାନଙ୍କ ପାଇଁ ସ୍ୱଚ୍ଛରହେ ଦଳ, ସୁରୁଖୁରୁରେ ଚାଲେ ଶାସନ କଳ ।

ତେଣୁ ଏମିତିଆ କରିତକର୍ମାଙ୍କ ଗୁଣ ଗାନ ନକରି ରହି ପାରୁନୁ । ତେଣୁ କହୁଛୁ.. ଜୟ ମାଖୁନାମୁହାଁଙ୍କର ଜୟ.... !!


-ମଙ୍ଗରାଜପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ସ୍ରଷ୍ଟା ମାନସ

**ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ପ୍ରକାଶକ- ରେନ୍‌ବୋ ପବ୍ଲିକେଶନ୍ ସାଆନ୍ତ ସାହି, କଟକ, ମୂଲ୍ୟ-୧୨୦ଟଙ୍କା**

'ସ୍ରଷ୍ଟା ମାନସ' ପୁସ୍ତକରେ ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓଡ଼ିଶାର ୯୮ ଜଣ କୃତିବିଦ୍ୟ ସ୍ରଷ୍ଟାଙ୍କୁ ସ୍ଥାନ ଦେଇଛନ୍ତି । ଯାହାଙ୍କ ଲେଖନୀ ଗଳ୍ପ, କବିତା, ଆଲୋଚନା, ସମାଲୋଚନା, ଶିଶୁ ସାହିତ୍ୟ, ବିଜ୍ଞାନ, ନାଟକ, କବିତା, ଏକାଙ୍କିକା ଓ ଅନୁବାଦ ସାହିତ୍ୟ ଆଦିରେ ସ୍ଥାନ ପାଇ ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ସେଇମାନଙ୍କ ଉପରେ ଡକ୍ଟର ଖୁଣ୍ଟିଆ ଖୁବ୍ ସୁନ୍ଦର ଭାବେ ସଂକ୍ଷିପ୍ତରେ ସୂଚନା ଦେଇଛନ୍ତି । ଏଥିରେ ପଣ୍ଡିତ ଗୋଦାବରୀଶ ମିଶ୍ର, ଡକ୍ଟର ପ୍ରତିଭା ରାୟ, ପଦ୍ମଚରଣ ପଟ୍ଟନାୟକ, ଗୋପବନ୍ଧୁ ଦାସ, ଜଗନ୍ନାଥ ଦାସ, ରାଧାମୋହନ ଗଡନାୟକ, ବିଦ୍ୟୁତ୍ ପ୍ରଭା ଦେବୀ, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ବୈଷ୍ଣବ ପାଣି, ଜାନକୀ ବଲ୍ଲଭ ମହାନ୍ତି, ଚିନ୍ତାମଣି ବେହେରା, ଫକୀର ମୋହନ ସେନାପତି, ଅନ୍ନପୂର୍ଣ୍ଣା ମହାରଣା ଓ କାଳୀଚରଣ ପଟ୍ଟନାୟକ ପ୍ରମୁଖ ରହିଛନ୍ତି । ଯାହା ସବୁ ବର୍ଗର ପାଠକଙ୍କୁ ଛୁଇଁବ ବୋଲି ଆଶା ।




### ଅନୁଭୂତିରେ ସନ୍ଥ ମହିମା

**ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପ୍ରକାଶକ-ଅନନ୍ତ ବଳିଆ ମୁଦ୍ରକ ଓ ପ୍ରକାଶକ ଶିଶୁ ଅନନ୍ତ ଆଶ୍ରମ, ଅରିଲୋ, ଜଗତ୍‌ସିଂହପୁର , ମୂଲ୍ୟ-୧୫୦ଟଙ୍କା**


ଅନୁଭୂତିରେ ସନ୍ଥ ମହିମା ୪ଜଣ ସନ୍ଥଙ୍କର ମାନବ ସମାଜ ଓ ମାନବବାଦ ପ୍ରତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପ୍ରତି ଥିବା ଆଶୀର୍ବାଦ ଓ କରୁଣାର ଏକ ଶାଶ୍ୱତ ସାକ୍ଷର । ମନୁଷ୍ୟ କ୍ଷଣଭଙ୍ଗୁର ଜୀବନରେ ପ୍ରକୃତ ସାଧୁ ସନ୍ଥଙ୍କ ସାନିଧ୍ୟ ଲାଭ କରିବା ଏକ ସୌଭାଗ୍ୟର ବିଷୟ । ଇହ ଜନ୍ମ ବା ପୂର୍ବ ଜନ୍ମରେ ସେହି ପୂଣ୍ୟ ଅର୍ଜନ କରି ନ ଥିଲେ, ଜଣେ ସତ୍-ସଙ୍ଗର ସୌଭାଗ୍ୟ ଅର୍ଜନ କରି ପାରନ୍ତି ନାହିଁ । ତେଣୁ ସତ୍‌ସଙ୍ଗର ପ୍ରସଂଶା କରାଯାଇଛି । ସତ୍‌ସଙ୍ଗ ଦ୍ୱାରା ମନୁଷ୍ୟର ଅଜ୍ଞାନର ଅନ୍ଧକାର ଦୂର ହୋଇଥାଏ । ନିଜ ବଚନରେ ସତ୍ୟ ପ୍ରତିଫଳିତ ହୁଏ । ପାପର କ୍ଷୟ ମଧ ହୋଇଥାଏ । ସାଧୁମାନଙ୍କ ସାନିଧ୍ୟ ବା ଦର୍ଶନରେ ମଣିଷର ଚିତ୍ତ ପ୍ରସନ୍ନ ହେବା ସଙ୍ଗେ ସଙ୍ଗେ ଯଶ କୀର୍ତ୍ତି ପ୍ରସାରିତ ହୋଇଥାଏ । ପୁସ୍ତକଟି ନିଶ୍ଚୟ ଭବିଷ୍ୟତ ବଂଶଧରଙ୍କୁ ଅନୁପ୍ରାଣିତ କରିବ ।




### ଶୂନ୍ୟ ଆରୋହଣ

**ଚକ୍ରପାଣି ପରିଚ୍ଛା, ଏଥେନା ବୁକ୍ସ, ଭୁବନେଶ୍ୱର-୨ ମୂଲ୍ୟ- ୧୬୦ଟଙ୍କା**

କବି ଚକ୍ରପାଣି ପରିଚ୍ଛାଙ୍କ ଶୂନ୍ୟ ଆରୋହଣ ପୁସ୍ତକରେ ୧ରୁ ୫୭ ଯାଏ କବିତା ରହିଛି । ଯାହାର କୌଣସି ଶୀର୍ଷକ ନାହିଁ । କବି କବିତାଗୁଡିକରେ ନିଜର ଭାବନା ବିଦ୍ରୋହ ଭାବ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ସ୍ୱୟଂ ସମ୍ପୂର୍ଣ୍ଣ ଓ ସ୍ୱର ମଧ ଭିନ୍ନ । ଲଢେଇ ଜାରି ରହିଛି ନିଜେ ଇ ତ ନିଜର ପ୍ରତିଦ୍ୱନ୍ଦ୍ୱୀ/ ନିଜେ ପତିପକ୍ଷ, ମୁହାଁ ମୁହିଁ/ ମିଛ ଅହମିକାର ମୁଖା ପିନ୍ଧି ମଣିଷ କେତେ ସ୍ୱାର୍ଥ ଆଉ ଅହଂ ସର୍ବସ୍ୱ ହୋଇଛି ସେ ବିଷୟରେ କବି କହିଛନ୍ତି । ସେହିପରି ନିଜ ଭିତରେ କେତେ ପ୍ରତିଦ୍ୱନ୍ଦ୍ୱିତା ହେଉଛି ତାହା ହିଁ କବିତାରେ ଫୁଟି ଉଠିଛି । କବି କହୁଛନ୍ତି ଶୂନ୍ୟତା ନ ଥାଇ ଆରୋହଣର କିଛି ମାନେ ନାହିଁ । କବିତାର ବାସ୍ତବ ଚିତ୍ର, ଶବ୍ଦ ଗଠନ, ଚିତ୍ରକଳ୍ପ ଓ ଭାବାବେଗ ପାଠକଙ୍କୁ ବାନ୍ଧି ରଖିଛି । ପୁସ୍ତକଟି ନିଶ୍ଚୟ ସାମ୍ପ୍ରତିକ କାବ୍ୟ ସୃଜନର ଏକ ସ୍ୱତନ୍ତ୍ରତା ବଜାୟ ରଖିବ ।



# ବାଉଁଶରେ କୀଟପତଙ୍ଗ

ଏଇ ଝିଣ୍ଟିକାଟିକୁ ସତ ବୋଲି ଭାବୁଛନ୍ତି କି? ନା, ଏହା ସତସତିକା ଝିଣ୍ଟିକା ନୁହେଁ। ପ୍ରକୃତରେ ଏହା ବାଉଁଶରେ ତିଆରି ଏକ କଳାକୃତୀ। ଖାଲି ଝିଣ୍ଟିକା ନୁହେଁ ଅସରପା, ପ୍ରଜାପତି, କଙ୍କି ପରି ଅନେକ କୀଟପତଙ୍ଗ ତିଆରି କରିଛନ୍ତି ଜଣେ କଳାକାର। ଯାହାକି ଦେଖିବାକୁ ପୁରାପୁରି ସତସତିକା ଲାଗେ। ଏହି କଳାକାର





ଜଣକ ହେଉଛନ୍ତି ଜାପାନର ନୋରିୟୁକି ସାଇତୋ। ବିଶ୍ୱାସ ନ ହେଲେ ବି ସେ ଏସବୁକୁ ବାଉଁଶରେ ସୂକ୍ଷ୍ମ କାରିଗରି କରି ତିଆରି କରିଛନ୍ତି। କୀଟପତଙ୍ଗ ଶରୀରର ଛୋଟରୁ ଛୋଟ ଅଂଶକୁ ସେ ବେଶ୍ ନିଖୁଣ ଭାବେ କରନ୍ତି। ଆଉ ସେଥିରେ ଦେଉଥିବା ରଙ୍ଗ ବି ଏତେ ବାସ୍ତବ ଲାଗେ ଯେ ଏହି କଳାକୃତିଗୁଡିକ ଜୀବନ୍ତ ହୋଇଯାଏ। ଆଉ ସେସବୁ ବାଉଁଶର ବୋଲି ଭାବି ହୁଏନା।



# ରଙ୍ଗ ବଦଳୁଥିବା ହେୟାର କଲର୍



ହେୟାର କଲର୍ କରାଇବା ଆଜିକାର ଏକ ଫ୍ୟାଶନ ଟ୍ରେଣ୍ଡ। ପ୍ରାୟ ଯୁବତୀ ଯୁବକ କେଶକୁ ରଙ୍ଗାଉଛନ୍ତି। ସେଥିପାଇଁ ବଜାରରେ ବିଭିନ୍ନ ନାମୀ ଦାମୀ ବ୍ରାଣ୍ଡର ହେୟାର କଲର ମିଳୁଛି। ତେବେ ଏବେ ଏଭଳି ଏକ ହେୟାର କଲର୍ ଆସିଛି ଯାହାକୁ ଲଗାଇଲେ ତାହା ଗୋଟିଏ କଲର୍‌ରୁ ଆଉ ଏକ କଲର୍‌କୁ ବଦଳିଯାଏ। କାରଣ ଏହା ଥର୍ମୋକ୍ରୋମିକ ହେୟାର କଲର୍। ଅର୍ଥାତ୍ ଏହା ହିଟ୍ ଆକ୍ଟିଭେଟେଡ। ସହଜ ଭାଷାରେ କହିବାକୁଗଲେ ତାପମାତ୍ରା ପରିବର୍ତ୍ତନ ହେବା ସହ ଏହି ହେୟାର କଲର୍‌ର ରଙ୍ଗ ବଦଳିଥାଏ। ଅର୍ଥାତ୍ ପବନ ହେଲେ, ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସିଲେ ଏମିତିକି ହାତରେ କେଶକୁ ଘଷିଲେ ବି କେଶର ରଙ୍ଗ ବଦଳିଯିବ। ଯେମିତିକି ପିଙ୍କ କଲର୍ ପର୍ପଲକୁ ବଦଳିଯିବ, ସବୁଜ ହଳଦିଆ ହେଇଯିବ, କଳା ଲାଲ କିମ୍ବା ପିଚ୍ ରଙ୍ଗର ହେଇଯିବ। ଯାହାକୁ ଦେଖିଲେ ଯାଦୁ ପରି ଲାଗିବ।





# ଦେଖି ନ ଥିବେ ଏମିତି ବାଇକ

ବାଇକ ସୌଖୀନମାନେ ନିଜ ବାଇକ୍‌କୁ ଅନେକ ସମୟରେ ମୋଡିଫାଏ କରି ନୂଆ ଓ ଡିଫରେଣ୍ଟ ଲୁକ୍ ଦେଇଥାନ୍ତି। ତେବେ ବେଳେବେଳେ ଏଭଳି ମୋଡିଫାଏ କରନ୍ତି ଯେ, ତାହା ବେଶ୍ ଅଜବ ଲାଗେ। ଏଇ ଯେମିତି ଜଣେ ବ୍ୟକ୍ତି ବାଇକ୍‌ର ଚକ ସ୍ଥାନରେ ଲଗାଇଛନ୍ତି ଧାର ଥିବା ଗୋଲାକାର କରତ। ପୁଣି ସେହି ବାଇକ୍‌କୁ ସେ ବିଭିନ୍ନ ସ୍ଥାନରେ ଚଲାଇ ତା'ର ଭିଡିଓ ସୋସିଆଲ ମିଡ଼ିଆରେ ଶେୟାର କରିଛନ୍ତି। ଯାହା ବେଶ୍ ଭାଇରାଲ ହୋଇଛି। କେତେବେଳେ ବରଫ ଉପରେ ତ କେବେ ଭୂମି ଉପରେ ପୁଣି କେବେ ଖାଲ ଢିପ ରାସ୍ତାରେ ବାଇକ୍‌କୁ ଖୁବ୍ ଦ୍ରୁତ ବେଗରେ ଚଲାଉଥିବାର ଏହି ଭିଡିଓରେ ଦେଖିବାକୁ ମିଳେ। ତା'ସହ ବାଇକ୍‌ଟି ଏକ ବଡ଼ କାଠଗଣ୍ଡିକୁ ନିଜ କରତ ଚକରେ କାଟୁଥିବା ବି ଦେଖିବାକୁ ମିଳେ। ହୋଣ୍ଡାର ସିଆରଏଫ୨୫୦ଆର୍ ଡର୍ଟ ବାଇକ୍‌ରେ ମୋଡିଫିକେସନ୍ କରି ଏହି ଅଜବ ବାଇକ୍‌କୁ ତିଆରି କରାଯାଇଛି।